## ସଂକ୍ଷେପରେ

### ଚୋରା ଗହମ ସହ ଭ୍ୟାନ୍ ଜବତ, ୩ ଗିରଫ

**ବଇଣ୍ଡା, ୨୯।୧୦(ଡି.ଏନ.ଏ.):** ହଣ୍ଡପା ପୋଲିସ ରବିବାର ବିଳମ୍ବିତ ରାତିରେ ହଣ୍ଡପା ଲେଭଲ କ୍ରସିଂ ନିକଟରୁ ଏକ ଚୋରା ଗହମ ବୋଝେଇ ପିକ୍‌ଅପ ଭ୍ୟାନ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ହଣ୍ଡପା ଗ୍ରାମର ସମୀର ସାହୁ, ପାପସରା ଗ୍ରାମର ଶୋଭାକାନ୍ତ ସାହୁ ଓ ପିକଅପ ଭ୍ୟାନ୍ ଚାଳକ ପାପସରା ଗ୍ରାମର ରାଜନ ବେହେରାଙ୍କୁ ଗିରଫ କରାଯାଇଛି। ପୋଲିସ ଏ ନେଇ ନଂ. ୧୬୬/୧୮ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଆଠମଲ୍ଲିକ କୋର୍ଟଚାଲାଣ କରିଛି। ପୋଲିସ କହିଛି, କିଶୋରନଗର ବ୍ଲକ ଅଞ୍ଚଳର ପଞ୍ଚାୟତଗୁଡ଼ିକୁ ଗର୍ଭବତୀ ଓ ଶିଶୁମାନଙ୍କ ପାଇଁ ହଣ୍ଡପା ଅଞ୍ଚଳର ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ଯୋଗାଇ ଦେଉଛନ୍ତି। ଉକ୍ତ ଛତୁଆ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଆସୁଥିବା ଗହମ ମଧ୍ୟରୁ ୨୮ କୁଇଣ୍ଟାଲ ଗହମ ହେରଫେର କରି ଚୋରାରେ ପାପସରା ଗ୍ରାମରେ ବିକ୍ରି କରିବା ପାଇଁ ଏକ ପିକ୍‌ଅପ ଭ୍ୟାନ (ନଂ.ଓଡ଼ି୦୨ଜେ୦୧୫୭) ପାପସରା ଅଭିମୁଖେ ଯାଉଥିଲା। ଖବରପାଇ ହଣ୍ଡପା ଆଇଆଇସି ଡାନିଏଲ କେରେକେଟା, ଏଏସ୍‌ଆଇ ପିକେ ଆଇଚ, ସେକେଣ୍ଡ ଅଫିସର ପିସି ମଲ୍ଲିକ ପ୍ରମୁଖ ଚଢାଉ କରିଥିଲେ।

### ଯୁବ ବିଜେଡି କମିଟି ପୁନର୍ଗଠନ

**ଅନୁଗୋଳ ଅଫିସ, ୨୯।୧୦:** ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଯୁବ ବିଜେଡି କମିଟିର ପୁନର୍ଗଠନ ହୋଇଛି। ଛେଣ୍ଡିପଦାରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନଙ୍କ ଅନୁମୋଦନ କ୍ରମେ ଯୁବନେତା ସତ୍ୟବ୍ରତ ଦେହୁରୀଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ କରାଯାଇଛି। ଏଥିରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଅମରେଶ ପତ୍ରି, କାର୍ଯ୍ୟକାରୀ ସଭାପତି ସଞ୍ଜିତ୍ ମହାନ୍ତି ଓ ମହାସଚିବ ଶିଶିର ପରିଜା ସହମତି ପ୍ରକାଶ କରିଛନ୍ତି ବୋଲି ଜିଲା ଯୁବ ବିଜେଡି ସଭାପତି ସୂଚନା ଦେଇଛନ୍ତି।

■ ଜିଲା ସଭାପତିଙ୍କୁ ଗିରଫର ପ୍ରତିବାଦ

# ବ୍ଲକ ଆଗରେ ଭାଜପାର ଶକ୍ତି ପ୍ରଦର୍ଶନ


ଭାଜପା କର୍ମୀମାନେ ବ୍ଲକ ସମ୍ମୁଖରେ ପ୍ରତିବାଦ କରୁଛନ୍ତି।

**ଅନୁଗୋଳ ଅଫିସ, ୨୯।୧୦**

- ମାମଲା, ଦଫା ପ୍ରତ୍ୟାହାର ଦାବି
- ସୁନ୍ଦରୀଙ୍କୁ ତୁରନ୍ତ ସ୍ଥାନାନ୍ତର କରାଯାଉ
- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଅନୁଗୋଳ ଜିଲା ଭାଜପା ସଭାପତି ଭାଗୀରଥି ପ୍ରଧାନଙ୍କ ଗିରଫ ପ୍ରତିବାଦରେ ଭାଜପା ପକ୍ଷରୁ ସୋମବାର ଜିଲାର ବିଭିନ୍ନ ବ୍ଲକ ସମ୍ମୁଖରେ ପ୍ରତିବାଦ କରାଯାଇଥିଲା। ଶତାଧିକ କର୍ମୀ ଅନୁଗୋଳ ଷ୍ଟାଡିୟମ ନିକଟରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ବ୍ଲକରେ ହେଉଥିବା ବିଭିନ୍ନ ଅନିୟମିତତା କାର୍ଯ୍ୟ ସମ୍ପର୍କରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବିଡିଓ ମାୟାଧର ବେହେରାଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ଦଳୀୟ ନେତାମାନେ କହିଥିଲେ ଯେ, ଜିଲା ସଭାପତିଙ୍କୁ ପୋଲିସ ଆକ୍ରୋଶମୂଳକ ଭାବେ ଗିରଫ କରିବା ସହ ଯେଉଁ ମିଥ୍ୟା ଦଫା ଲଗାଇଛି ତାହାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ସେହିପରି ବାଘୁଣୀ ସୁନ୍ଦରୀଙ୍କୁ ସ୍ଥାନାନ୍ତର କରିବା, ଗରିବ ଖଟିଖିଆଙ୍କ ବିରୋଧରେ ପୋଲିସର କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା, ବାଘ ଓ ହାତୀ ଆକ୍ରମଣରେ ମରୁଥିବା ଲୋକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବାକୁ ସେମାନେ ଦାବି କରିଥିଲେ। ଅନ୍ୟପକ୍ଷରେ ବ୍ଲକରେ ହେଉଥିବା ବିଭିନ୍ନ ଅନିୟମିତତାକୁ ବିରୋଧ ସହ ପ୍ରତ୍ୟେକ ଗ୍ରାମ ରାସ୍ତା ପକ୍କା କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପିସି କାରବାର ବନ୍ଦ କରିବା, ଯୋଗ୍ୟ ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରିବା, ଗାଁକୁ ରାସ୍ତା ଓ ପିଇବା ପାଣି ଯୋଗାଇ ଦେବା, ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ସହ ବିଦ୍ୟାଳୟ ଓ ମେଡିକାଲରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରାଯିବାକୁ ଦାବି କରାଯାଇଥିଲା। ଏହି ପ୍ରତିବାଦ ସଭାରେ ରାଜ୍ୟ ସଭାର ପୂର୍ବତନ ସଦସ୍ୟ ରୁଦ୍ର ନାରାୟଣ ପାଣିଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ମୀନକେତନ ଅମାତ, ପ୍ରଭାତ ପ୍ରଧାନ, ଦିଲୀପ ପ୍ରଧାନ, ଅମୂଲ୍ୟ ପ୍ରଧାନ, ସୋମନାଥ ରାଉତ, ଯଯାତି ପଟ୍ଟନାୟକ, ପ୍ରତିମା ମିଶ୍ର, ସଂଘମିତ୍ରା ପ୍ରଧାନ, ନମିତା ଦଳ ବେହେରା, ରୋଜାଲିନ୍ ଦାସ, ସୁଜାତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ରକ୍‌ରୁ ଚାନ୍ଦା ଆଦାୟ ଅଭିଯୋଗ: ୩ ଅଭିଯୁକ୍ତ ଗିରଫ

**ଅନୁଗୋଳ ଅଫିସ, ୨୯।୧୦**

ଅନୁଗୋଳର ରାଜ ହୋଟେଲ ନିକଟରୁ ଚାନ୍ଦା ଆଦାୟ କରୁଥିବା ଅଭିଯୋଗରେ ୩ ଯୁବକଙ୍କୁ ପୋଲିସ ସୋମବାର ଗିରଫ କରିଛି। ଏ ସଂକ୍ରାନ୍ତରେ ନଂ. ୭୪୧/୧୮ରେ ମାମଲା ରୁଜୁ କରି ପୋଲିସ ରାଧାରମଣପଡ଼ାର ସମୀର ରଞ୍ଜନ ସାହୁ(୨୫), କଲେଜପଡ଼ାର ବିଶ୍ୱଜିତ୍ ଥାପା(୨୩) ଓ ସୌଭାଗ୍ୟନଗରର ବିଶ୍ୱଜିତ ଗଡ଼ନାୟକ(୧୯)ଙ୍କୁ କୋର୍ଟ ଚାଲାଣ କରିଥିବା ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଅନୁଗୋଳରୁ ନତଡ଼ା ଯାଉଥିବା ଏକ ଟ୍ରକ୍‌କୁ ସମ୍ପୃକ୍ତ ୩ ଅଭିଯୁକ୍ତ ଅଟକାଇ ଚାନ୍ଦା ମାଗିଥିଲେ। ଚାନ୍ଦା ଦେବାକୁ ମନା କରିବାରୁ ସେମାନେ ଚାଳକଙ୍କୁ ମାଡ଼ ମାରି ଆଠ ଶହ ଟଙ୍କା ଛଡ଼ାଇ ନେଇଯାଇଥିଲେ। ଏ ସମ୍ପର୍କରେ ନତଡ଼ା ଅଞ୍ଚଳର ରଞ୍ଜନ ଦେହୁରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗରେ ସେ ଦର୍ଶାଇଥିଲେ ଯେ, ସମ୍ପୃକ୍ତ ଅଭିଯୁକ୍ତମାନେ ବାଇକ୍ (ନଂ. ଓଡି୧୯କେ–୭୯୭୫) ଓ (ଓଡି୧୯ଏଫ–୦୨୦୨)ରେ ଆସିଥିଲେ। ସେମାନେ ଟ୍ରକ୍‌କୁ ଅଟକାଇ ଜୋରଜବରଦସ୍ତ ଚାନ୍ଦା ମାଗିଥିଲେ। ଏହାପରେ ଯୁବକମାନଙ୍କୁ ଟ୍ରକ୍ ଚାଳକ ରଞ୍ଜନ ପଇସା ନ ଥିବା କଥା କହିବାରୁ ତାଙ୍କୁ ମାଡ଼ ମାରି ଟଙ୍କା ଛଡାଇନେଇ ଚମ୍ପଟ ମାରିଥିଲେ। ଅଭିଯୋଗ କ୍ରମେ ପୋଲିସ ଘଟଣାର ତଦନ୍ତ କରିବା ସହ ୩ ଜଣ ଯୁବକଙ୍କୁ ଗିରଫ କରିଥିଲା। ଏଥିସହ ବାଇକ୍ ଦୁଇଟିକୁ ମଧ୍ୟ ଜବତ କରିଛି।

## ନିଜ ସହ ଅନ୍ୟମାନଙ୍କୁ ରୋଜଗାରକ୍ଷମ କରାଇଛି




ଗାଁରେ ରୋଜଗାରର କିଛି ପନ୍ଥା ନ ଥିଲା। ତେଣୁ ଚାଷକୁ ଆଦରି ନେଇଥିଲି। ହେଲେ ୧୯୯୬ରେ ଖବରକାଗଜ ବିକ୍ରେତା ଭାବେ କାମ ଆରମ୍ଭ କରିବା ପରେ ଏହାକୁ ଯେ ବୃତ୍ତି କରିହେବ ତାହା ଜାଣିପାରିଲି। ତେଣୁ ୨୦୦୫ରୁ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ଛାଡ଼ି ଖବରକାଗଜ ବିକ୍ରିରେ ପୂରା ସମୟ ଦେଲି। ବର୍ତ୍ତମାନ ଯେତିକି ରୋଜଗାର କରୁଛି ସେତକରେ ପରିବାର ଚଳିଯାଉଛି। ଆଉ କେତେଜଣଙ୍କୁ ମଧ୍ୟ ଏହି ବୃତ୍ତିକୁ ଆଣି ରୋଜଗାରକ୍ଷମ କରାଇପାରିଛି ବୋଲି କହିଛନ୍ତି ଅନୁଗୋଳ ବଲାସିଂହା ଖଲାରପଶି ଅଞ୍ଚଳର ସନ୍ତୋଷ କୁମାର ଦାସ (୪୭)।

ମା’, ସ୍ତ୍ରୀ, ଦୁଇ ଝିଅ ଓ ଗୋଟିଏ ପୁଅକୁ ନେଇ ସନ୍ତୋଷଙ୍କ ସଂସାର। ବଡ଼ଝିଅକୁ ବିବାହ ଦେଇସାରିଥିବା ସନ୍ତୋଷ କୁହନ୍ତି, ପ୍ରଥମେ ୩୫ ଖଣ୍ଡ କାଗଜ ନେଇ ବିକ୍ରି ଆରମ୍ଭ କରିଥିଲି। ଧୀରେ ଧୀରେ ଅଧିକ ବିକ୍ରି କଲି। ଏହି କାର୍ଯ୍ୟ ସହ ଯେତିକି ଜଡ଼ିତ ହେଲି ସେତିକି ଲୋକସମ୍ପର୍କ ଅର୍ଜନ କଲି। ଦୈନିକ ସକାଳୁ ଗାଁ ଓ ବଜାର ବୁଲି ଲୋକଙ୍କୁ ଭେଟୁଥିବାରୁ ସମସ୍ତଙ୍କ ନିକଟରୁ ଆଦର ମିଳିଲା। ଏବେ ୩ଶହ କାଗଜ ବିକ୍ରି କରୁଛି। ଏହାଛଡ଼ା ଅଞ୍ଚଳର ନେତାଜୀ ଯୁବ ସଂସଦରେ ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଛି। ଯୁବ ସଂସଦ ବିଭିନ୍ନ ସମୟରେ ଉନ୍ନୟନ କାର୍ଯ୍ୟ କରିବା ସହ ଲୋକଙ୍କ ସୁଖ ଦୁଃଖରେ ଠିଆ ହୋଇଥାଏ। ତେଣୁ ଏଥିରେ କାର୍ଯ୍ୟ କରୁଥିବାରୁ ଲୋକମାନେ ବେଶ୍ ସମ୍ମାନ ଦେଉଛନ୍ତି। ସେହିପରି ୨୦୧୨ରେ ୫ ଜଣ ଯୁବକଙ୍କୁ ନେଇ ଅନୁଗୋଳରେ ମା’ ବୁଢ଼ୀ ଖବରକାଗଜ ବିତରକ ସଂଘ ଗଠନ କରିଥିଲି। ଏବେ ଏହାର ସଦସ୍ୟ ସଂଖ୍ୟା ୨୮ରେ ପହଞ୍ଚିଲାଣି। ମୋ ପରି ଅନ୍ୟମାନଙ୍କୁ ରୋଜଗାରକ୍ଷମ କରାଇ ପାରିଥିବାରୁ ଖୁସି ଅନୁଭବ କରୁଥିବା ସନ୍ତୋଷ କହିଛନ୍ତି।

ରିପୋର୍ଟ– ଅମିତ କୁମାର ସାମଲ

# ପୂର୍ତ୍ତ ରାସ୍ତା ପ୍ରଶସ୍ତୀକରଣର ଭୂମିପୂଜା

**ବଇଣ୍ଡା, ୨୯।୧୦(ଡି.ଏନ.ଏ.)**


ପୂର୍ତ୍ତ ବିଭାଗ ରାସ୍ତା ଭୂମିପୂଜା ଅବସରରେ ବିଧାୟକଙ୍କ ସମେତ ଅନ୍ୟମାନେ।

ଅନୁଗୋଳ ଜିଲା ବଇଣ୍ଡା ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ପ୍ରଶସ୍ତୀକରଣ ପାଇଁ ସୋମବାର କିଶୋରନଗର ବ୍ଲକ ବଇଣ୍ଡାଠାରେ ଭୂମିପୂଜା କରାଯାଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁ ଯୋଗଦେଇ ଏହାର ଶୁଭ ଦେଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବିଧାୟକ ମଲ୍ଲିକ କହିଲେ, ବିଜେଡି ସରକାର ଅମଳରେ ପ୍ରତ୍ୟେକ ଗ୍ରାମକୁ ସଂଯୋଗୀକରଣ ପାଇଁ ରାସ୍ତା ନିର୍ମାଣ କରାଯାଉଛି। ସାଧାରଣ ଲୋକଙ୍କ ଗମନାଗମନ କିଭଳି ସୁଦୃଢ ହେବ ସେଥିପାଇଁ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ପ୍ରଧାନ, ବ୍ଲକ ବିଜେଡି ସଭାପତି ପ୍ରବୋଧ ବେହେରା, ପୂର୍ତ୍ତ ବିଭାଗର ଏସ୍‌ଡିଓ ସୁବାସ ଚନ୍ଦ୍ର ପାତ୍ର, କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ତ୍ରିପାଠୀ, ହିମାଂଶୁ ମହାଳିକ, ନୁନୁକାପଶି ପଞ୍ଚାୟତ ବିଜେଡି ସଭାପତି ରମେଶ ଚନ୍ଦ୍ର ବେହେରା, ଆଠମଲ୍ଲିକ ବ୍ଲକ ବିଜେଡି ପୂର୍ବତନ ସଭାପତି ଦିଲୀପ କୁମାର ସାହୁ, ବିଜେଡି ନେତା ବାଳକୃଷ୍ଣ ପ୍ରଧାନ, ରଞ୍ଜନ ବିଶ୍ୱାଳ, କୈଳାସ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନଙ୍କ ସମେତ ବହୁ ନେତା ଯୋଗ ଦେଇଥିଲେ।

DSPL-216

# ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ ବାର୍ତ୍ତା



### ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆନନ୍ଦର ବିଷୟ ଏହି କି ଦେଶର ଅନ୍ୟାନ୍ୟ ରାଜ୍ୟଭଳି ଆମ ରାଜ୍ୟରେ ମଧ୍ୟ ଅକ୍ଟୋବର ୩୦ ତାରିଖକୁ ବିଶ୍ୱ ମିତବ୍ୟୟିତା ଦିବସ ରୂପେ ପାଳନ କରାଯାଉଛି । ଏହି ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି ।

ସ୍ୱଳ୍ପ ସଞ୍ଚୟ ଯୋଜନାଗୁଡ଼ିକ ସମାଜର ପ୍ରତ୍ୟେକ ବର୍ଗଙ୍କ ପାଇଁ ବେଶ୍ ସରଳ ଏବଂ ସୁରକ୍ଷିତ ବୋଲି ପ୍ରମାଣିତ । ଏହି ଜମା ଯୋଜନାରେ ପୁଞ୍ଜି ନିବେଶ କରି ଜନସାଧାରଣ ନିଜର ଭବିଷ୍ୟତ ଆର୍ଥିକସ୍ଥିତି ସୁଦୃଢ଼ କରିବାର ସୁଯୋଗ ନିଅନ୍ତୁ। ନିୟମିତ ସଞ୍ଚୟ ଭବିଷ୍ୟତ ପାଇଁ ଆର୍ଥିକ ନିରାପତ୍ତା ପ୍ରଦାନ କରିବା ସହିତ ଯେକୌଣସି ଜରୁରୀ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ସ୍ୱଳ୍ପ ସଞ୍ଚୟକୁ ଲୋକପ୍ରିୟ କରାଇବା ଦିଗରେ ବିଶେଷ ସହାୟକ ହୋଇପାରିଛି ।

ମିତବ୍ୟୟିତା ଆଚରଣ ପୂର୍ବକ ଆର୍ଥିକ ସ୍ୱାବଲମ୍ବନତା ହାସଲ କରିବା ଆଜିର ଦିନରେ ସମସ୍ତଙ୍କର ସଂକଳ୍ପ ହେଉ ।

ଆମ ସମସ୍ତଙ୍କର ମିଳିତ ସହଯୋଗ ଓ ନିଷ୍ଠାପର ଉଦ୍ୟମ ଦ୍ୱାରା ବିଶ୍ୱ ମିତବ୍ୟୟିତା ଦିବସ ପାଳନର ଉଦ୍ଦେଶ୍ୟ ସାଧିତ ହେବ ବୋଲି ମୁଁ ଆଶା କରୁଛି ।

(ଗଣେଶୀ ଲାଲ)



### ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଆନନ୍ଦର କଥା ପ୍ରତିବର୍ଷ ପରି ଚଳିତ ବର୍ଷ ଅକ୍ଟୋବର ମାସ ୩୦ ତାରିଖ ଦିନ ବିଶ୍ୱ ମିତବ୍ୟୟିତା ଦିବସ ପାଳନ କରାଯାଉଛି ।

ବ୍ୟକ୍ତିର ଆର୍ଥିକ ବିକାଶ ପାଇଁ ମିତବ୍ୟୟିତା ଏକାନ୍ତ ଅପରିହାର୍ଯ୍ୟ । ଅନାବଶ୍ୟକ ଖର୍ଚ୍ଚକୁ ଯଥାସମ୍ଭବ କମାଇ ବଳକା ଅର୍ଥକୁ ସୁରକ୍ଷିତ ସଞ୍ଚୟ ଯୋଜନାରେ ବିନିଯୋଗ କରି ରଖିଲେ ତାହା ବ୍ୟକ୍ତି ବିଶେଷଙ୍କର ଆର୍ଥିକ ସୁରକ୍ଷା ସହ ଦେଶର ଅଭିବୃଦ୍ଧିରେ ସହାୟକ ହୋଇଥାଏ । ଏ ଦୃଷ୍ଟିରୁ ଡାକଘର ତଥା ବ୍ୟାଙ୍କ ମାଧ୍ୟମରେ ପ୍ରଚଳିତ ସ୍ୱଳ୍ପ ସଞ୍ଚୟ ଯୋଜନା ଏକ ଅଗ୍ରଣୀ ଭୂମିକା ବହନ କରିଛି । ଏଠାରେ ସଞ୍ଚିତ ଜମାରାଶି ସମ୍ପୂର୍ଣ୍ଣ ସୁରକ୍ଷିତ ତଥା ନିରାପଦ ଅଟେ । ଏହି ଯୋଜନା ବ୍ୟକ୍ତି ବିଶେଷକୁ ମିତବ୍ୟୟି କରିବା ସଙ୍ଗେ ସଙ୍ଗେ ଆର୍ଥିକ ସ୍ୱଚ୍ଛଳତା ଏବଂ ସୁରକ୍ଷା ପ୍ରଦାନ କରିଥାଏ । ରାଷ୍ଟ୍ର ନିର୍ମାଣରେ ମଧ୍ୟ ଏହା ବିଶେଷ ସହାୟକ ହୋଇଥାଏ ।

ରାଜ୍ୟ ସରକାରଙ୍କ ତରଫରୁ ସ୍ୱଳ୍ପ ସଞ୍ଚୟ ଜମାକାରୀମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରୋତ୍ସାହନ ଯୋଜନା ପ୍ରଚଳନ କରାଯାଇଅଛି। ଏହି ଅବସରରେ ରାଜ୍ୟବାସୀଙ୍କୁ ମୋର ନିବେଦନ ଯେ, ସେମାନେ ବିଭିନ୍ନ ସ୍ୱଳ୍ପ ଯୋଜନାରେ ଅର୍ଥ ବିନିଯୋଗ କରି ନିଜର ଆର୍ଥିକ ଉନ୍ନତିକୁ ସୁନିଶ୍ଚିତ କରନ୍ତୁ।

ବିଶ୍ୱ ମିତବ୍ୟୟିତା ଦିବସର ମୁଁ ସଫଳତା କାମନା କରୁଅଛି ।

(ନବୀନ ପଟ୍ଟନାୟକ)



### ମାନ୍ୟବର ଅର୍ଥ ମନ୍ତ୍ରୀଙ୍କ ବାର୍ତ୍ତା

ଅକ୍ଟୋବର ୩୦ ତାରିଖରେ ଆମ ଦେଶର ସବୁ ରାଜ୍ୟରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହେଉଅଛି । ଏହି ଉପଲକ୍ଷେ ଓଡିଶାବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

ଆର୍ଥିକ ବିକାଶ କ୍ଷେତ୍ରରେ ସ୍ୱଳ୍ପ ସଞ୍ଚୟର ଭୂମିକା ଅନନ୍ୟ । ବ୍ୟକ୍ତିର ଆର୍ଥିକ ସ୍ୱଚ୍ଛଳତା ଏବଂ ସୁରକ୍ଷିତ ଭବିଷ୍ୟତ ପାଇଁ ସ୍ୱଳ୍ପ ସଞ୍ଚୟ ଯୋଜନା ଏକ ସରଳ ଏବଂ ପ୍ରକୃଷ୍ଟ ମାଧ୍ୟମ । ଏହାର ଆକର୍ଷଣୀୟ ସୁଧହାର ଏବଂ ବିଭିନ୍ନ ସୁରକ୍ଷିତ ଜମା ଯୋଜନା ପ୍ରତ୍ୟେକଙ୍କୁ ଆକୃଷ୍ଟ କରିଥାଏ । ତେଣୁ ଦୈନନ୍ଦିନ ଖର୍ଚ୍ଚରେ ମିତବ୍ୟୟିତା ଅବଲମ୍ବନ କରି ସଞ୍ଚୟକୁ ଅଭ୍ୟାସରେ ପରିଣତ କରିବା ଆଜିର ସଙ୍କଳ୍ପ ହେଉ । ଏହି ଅଭ୍ୟାସ ବ୍ୟକ୍ତିର ଭବିଷ୍ୟତ ଜୀବନକୁ ସୁଖମୟ ଏବଂ ସହଜ କରିବାରେ ବିଶେଷ ସହାୟକ ହୋଇଥାଏ ।

ସ୍ୱଳ୍ପ ସଞ୍ଚୟ ଯୋଜନାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ପ୍ରଚଳନ କରିଛନ୍ତି । ଏଥିରେ ବର୍ଷକୁ ୨୪୨୮ ଗୋଟି ଆକର୍ଷଣୀୟ ଆର୍ଥିକ ପୁରସ୍କାରର ବ୍ୟବସ୍ଥା କରାଯାଇଅଛି । ପ୍ରଥମ ପୁରସ୍କାରର ମୂଲ୍ୟ ୫ ଲକ୍ଷ ଟଙ୍କା ରହିଥିବାବେଳେ, ସର୍ବନିମ୍ନ ପୁରସ୍କାର ମୂଲ୍ୟ ୨୦୦୦ ଟଙ୍କା ରହିଅଛି ।

ଏଣୁ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ଅନୁରୋଧ, ସେମାନେ ସ୍ୱଳ୍ପ ସଞ୍ଚୟ ଯୋଜନାରେ ସକ୍ରିୟ ଅଂଶ ଗ୍ରହଣ କରି ନିଜର ଆର୍ଥିକ ସ୍ଥିତିକୁ ସୁରକ୍ଷିତ କରିବା ସଂଗେ ସଂଗେ ରାଜ୍ୟ ଓ ଦେଶର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।

ଏହି ଅବସରରେ ମୁଁ ବିଶ୍ୱ ମିତବ୍ୟୟିତା ଦିବସର ସଫଳତା କାମନା କରୁଅଛି ।

(ଶଶିଭୂଷଣ ବେହେରା)

05001/13/0022/1819

CLASSIFIED DISPLAY












## ଆଜି କ'ଣ କେଉଁଠି

**ନାଲ୍କୋ ନଗର**

■ଲକ୍ଷ୍ମୀପୂଜା ଉପଲକ୍ଷେ ଦଣ୍ଡନୃତ୍ୟ ପ୍ରତିଯୋଗିତା
ସ୍ଥାନ- କୁଲାଡ଼
ସମୟ- ରାତି ୯ଟା

## ସଂକ୍ଷେପରେ

### ଅନୁଗୋଳ ଗସ୍ତରେ ରାଜ୍ୟପାଳ ଆଜି ପରିଦର୍ଶନ କରିବେ ବାଜି ରାଉତ ଛାତ୍ରାବାସ

ଅନୁଗୋଳ ଅଫିସ,୨୯।୧୦- ଅନୁଗୋଳ ଗସ୍ତରେ ଆସିଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ସନ୍ଧ୍ୟାରେ ସେ ନାଲ୍କୋ ଗେଷ୍ଟ ହାଉସରେ ପହଞ୍ଚିଛନ୍ତି। ରାଜ୍ୟପାଳ ପହଞ୍ଚିବା ପରେ ଜିଲାପାଳ ଅନିଲ କୁମାର ସାମଲ, ଏସ୍‌ପି ମିତ୍ରଭାନୁ ମହାପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଉପଜିଲାପାଳ ବାସୁଦେବ ଶତପଥୀ, ନାଲକୋ ଇଡି ରାଜକିଶୋର ମିଶ୍ରଙ୍କ ସହ ଅନ୍ୟ ଜିଲାସ୍ତରୀୟ ପଦାଧିକାରୀମାନେ ସ୍ୱାଗତ ପାଇଁ ଉପସ୍ଥିତ କରିଥିଲେ। ଏହାପରେ ଭାଜପା କର୍ମକର୍ତ୍ତାମାନେ ରାଜ୍ୟପାଳଙ୍କୁ ସାକ୍ଷାତ କରିଥିବା ସୂଚନା ମିଳିଛି। ମଙ୍ଗଳବାର ଅନୁଗୋଳ ସର୍କିଟ ହାଉସ ଠାରେ ପୂର୍ବାହ୍ନ ୯ଟା ୩୦ରେ ରାଜ୍ୟପାଳ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ସେଠାରେ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କାର୍ଯ୍ୟକ୍ରମ ରହିଛି। ପରେ ରାଜ୍ୟପାଳ ବାଜି ରାଉତ ଛାତ୍ରାବାସ ଅଭିମୁଖେ ଯାତ୍ରା କରି ସେଠାରେ ଥିବା ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବା ସହ ଛାତ୍ରାବାସ ପରିଦର୍ଶନ କରବେ। ଏହାପରେ ବଅଁରପାଳସ୍ଥିତ ସେବାଶ୍ରମ ମଧ ପରିଦର୍ଶନ କରି ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିବା ଜିଲାପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

**ସୁନ୍ଦରୀକୁ ଟ୍ରାଙ୍କୁଲାଇଜ ଉଦ୍ୟମ ଜାରି**

### ମଧ୍ୟପ୍ରଦେଶରୁ ଆସିଲେ ୨ ବିଶେଷଜ୍ଞ

ବନ୍ତଲା, ୨୯।୧୦(ଡି.ଏନ.ଏ.)- ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଛଡା ଯାଇଥିବା ମଧ୍ୟପ୍ରଦେଶ ବାନ୍ଧବଗଡ ବାଘୁଣୀ 'ସୁନ୍ଦରୀ'କୁ ଟ୍ରାଙ୍କୁଲାଇଜ କରିବାକୁ ୬ ଦିନ ହେଲା ଉଦ୍ୟମ ଜାରି ଥିଲେ ବି ଏହା ସଫଳ ହୋଇପାରୁନି। ବାଘୁଣୀକୁ ଟ୍ରାଙ୍କୁଲାଇଜ କରିବାକୁ ସୋମବାର ମଧ୍ୟପ୍ରଦେଶର ଦୁଇ ଜଣ ନିଶ୍ଚେତକ ବିଶେଷଜ୍ଞ ଅନୁଗୋଳରେ ପହଞ୍ଚିଛନ୍ତି। ମଧ୍ୟପ୍ରଦେଶର ପେଞ୍ଚ ଓ ବାନ୍ଧବଗଡ଼ ବ୍ୟାଘ୍ର ପ୍ରକଳ୍ପରୁ ଆସିଥିବା ଏହି ବିଶେଷଜ୍ଞ ଟିମ୍‌ରେ ସନ୍ଦୀପ ଅଗ୍ରୱାଲ ଓ ଅଖିଳେଶ ମିଶ୍ର ରହିଛନ୍ତି। ଅପରାହ୍ନରେ ଉଭୟେ ଅନୁଗୋଳ ବନ ବିଭାଗ ବଙ୍ଗଳାରେ ପହଞ୍ଚିବା ପରେ 'ସୁନ୍ଦରୀ'ର ଗତିବିଧି ଉପରେ ଆଲୋଚନା ହୋଇଥିଲା। ମଙ୍ଗଳବାର ସକାଳେ ସେମାନେ ସାତକୋଶିଆକୁ ଯିବେ। ମଧ୍ୟପ୍ରଦେଶରୁ ଆଉ ଦୁଇ ବିଶେଷଜ୍ଞ ଖୁବ ଶୀଘ୍ର ଆସି ପହଞ୍ଚିବେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ବାଘୁଣୀ ସୋମବାର ଅସନବାହାଳ ଜଙ୍ଗଲ ଭିତରେ ଥିବା ଡିଏଫ୍‌ଓ ରାମସ୍ୱାମୀ ପି ପ୍ରକାଶ କରିଛନ୍ତି।

### କ୍ୟାମ୍ପ କୋର୍ଟକୁ ଓକିଲ ସଂଘର ବିରୋଧ

ତାଳଚେର,୨୯।୧୦(ନି.ପ୍ର.)- ହାଇକୋର୍ଟଙ୍କ କ୍ୟାମ୍ପ କୋର୍ଟ କାର୍ଯ୍ୟକାରୀତାକୁ ବିରୋଧ କରି ସୋମବାର ତାଳଚେର ଓକିଲ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଥିଲା। ସମସ୍ତ ଜଜ୍‌ଙ୍କୁ କୋର୍ଟ ଭିତରକୁ ଛାଡି ଦିଆଯାଇ ନ ଥିଲା। କୋର୍ଟ ରୁମରେ ଆଇନଜୀବୀମାନେ ତାଲା ପକାଇ ଦେଇଥିଲେ। ଫଳରେ କିଛି ସମୟ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ସଭାପତି ଦୟାସାଗର ମିଶ୍ରଙ୍କ ସମେତ ସମସ୍ତ ଓକିଲ ଏଥିରେ ସାମିଲ ହୋଇଥିଲେ।

### ୨ ଫେରାର ଅଭିଯୁକ୍ତ ଗିରଫ

**ବଇଣ୍ଡା,୨୯।୧୦(ଡି.ଏନ.ଏ.):** କିଶୋରନଗର ବ୍ଲକ ଗାଁ ବଇଣ୍ଡା ଗ୍ରାମରେ ରବିବାର ରାତିରେ ହଣ୍ଡପା ପୋଲିସ ଚଢାଉ କରି ଫେରାର ଥିବା ଅଭିଯୁକ୍ତ ଧୋବେଇ ବେହେରା ଓ ରୁଭେଇ ନାୟକଙ୍କୁ ଗିରଫ କରିଛି। ସେମାନଙ୍କ ନାଁରେ କୋର୍ଟରେ ମାମଲା ଥିବାବେଳେ ଦୀର୍ଘ ଦିନ ହେବ ଫେରାର ଥିଲେ। ଘରେ ଥିବା ଖବରପାଇ ପୋଲିସ ଚଢାଉ କରି ଉଭୟଙ୍କୁ ଗିରଫ କରିଥିଲା।

■ଅଫିସ, ମେଡିକାଲ ପରିସର ପାଲଟିଛି ସାଇକେଲ ଷ୍ଟାଣ୍ଡ

# ବେଆଇନ ପାର୍କିଂ ନେଇ ଅସନ୍ତୋଷ



ମେଡିକାଲ ପରିସରରେ ହୋଇଥିବା ବେଆଇନ ପାର୍କିଂ

**ଅନୁଗୋଳ ଅଫିସ,୨୯।୧୦**

ଅନୁଗୋଳରେ ପୂଜା ମାହୋଲ ସରଗରମ୍ ହୋଇଉଠିଛି। ଦୂରଦୂରାନ୍ତରୁ ଲୋକେ ସହର ମୁହାଁ ହୋଇଛନ୍ତି। କିନ୍ତୁ ସହରରେ ଦୁଇ ଚକିଆ ଯାନ କି ସାଇକେଲ ରଖିବାକୁ ଉପଯୁକ୍ତ ଜାଗା ବ୍ୟବସ୍ଥା କରାଯାଇ ନାହିଁ। ଏପରି ଅବସ୍ଥାରେ ଅନୁଗୋଳ ହାଇସ୍କୁଲ ନିକଟରେ ଥିବା ବ୍ଲକ ରିସର୍ଚ୍ଚ ସେଣ୍ଟର(ବିଆରସି) ପରିସରରେ ସାଇକେଲ ଷ୍ଟାଣ୍ଡ କରାଯାଇଥିବା ସାଧାରଣରେ ଅଭିଯୋଗ ହେଉଛି। ତେବେ ସାଇକେଲ ଷ୍ଟାଣ୍ଡ କରିଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା, କିଏ କରିଛି ତାଙ୍କୁ ମଧ ଡିପିସି ଜାଣିନାହାନ୍ତି। ଫଳରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। କିନ୍ତୁ ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ କୋଅର୍ଡିନେଟର(ଡିପିସି) ନିରଞ୍ଜନ ସାହୁଙ୍କ ଏଥିପ୍ରତି ଟିକେ ମାତ୍ର ଦୃଷ୍ଟି ନାହିଁ। ବରଂ ଓଲଟା ଯୁକ୍ତି ରଖିଛନ୍ତି, ସାଇକେଲ ଷ୍ଟାଣ୍ଡ ଯିଏ କରିଛନ୍ତି ତାଙ୍କୁ ପଚାର। ଏ ନେଇ ଡିପିସି କହିଛନ୍ତି, ଏସବୁ କଥାରେ ମୁଣ୍ଡ ପୂରାଇବାକୁ ସମୟ ନାହିଁ। ଅନ୍ୟପକ୍ଷରେ ସାଇକେଲ ଷ୍ଟାଣ୍ଡ ଯେଉଁ ବ୍ୟକ୍ତି କରିଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହରବାସୀ ଦାବି କରିଛନ୍ତି। ସେହିପରି ଅନୁଗୋଳ ମେଡିକାଲରେ ମଧ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ସହରରେ ଲକ୍ଷ୍ମୀ ପୂଜା ଦେଖିବାକୁ ଆସିଥିବା ଲୋକମାନେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଦୁଇ ଚକିଆ ଯାନ ରଖି ବୁଲିବାକୁ ବାହାରି ଯାଉଛନ୍ତି। ଫଳରେ ରୋଗୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ଏହି ମଟୋର ସାଇକେଲ ଭିଡ଼ରେ ଫସୁଥିବା ଦେଖିବାକୁ ମିଳୁଛି। ଏ ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ କୌଣସି ନିଘା ନ ଥିବାରୁ ରୋଗୀଙ୍କ ସମ୍ପର୍କୀୟ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

### ଜନ ଶୁଣାଣି ଶିବିରରେ ସହାୟତା ପ୍ରଦାନ

**ଅନୁଗୋଳ ଅଫିସ,୨୯।୧୦**

ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ସୋମବାର ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର ଯୋଗ ଦେଇଥିଲେ। ମୋଟ୍ ୧୨୨ଟି ଅଭିଯୋଗରୁ ୧୧୨ଟି ବ୍ୟକ୍ତିଗତ ଓ ୧୦ଟି ଗ୍ରାମ୍ୟ ଭିତ୍ତିକ ସମସ୍ୟା ସମ୍ପର୍କିତ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ରେଡକ୍ରସ ପାଣ୍ଠିରୁ ୨୧ ଜଣଙ୍କୁ ୫୫ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ଚିକିତ୍ସା ପାଇଁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପ ଜିଲାପାଳ ବାସୁଦେବ ଶତପଥୀ, ଡେପୁଟି କଲେକ୍ଟର ବଇତୁରା ଦୀପ ଓ ଆସିଷ୍ଟାଣ୍ଟ କଲେକ୍ଟର ଇସାନି ପଣ୍ଡା, ଲମ୍ବୋଦର ମାରାଣ୍ଡିଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।



ସିକ୍ୟୁରିଟି ଗାର୍ଡମାନେ ଗଣଧାରଣା ଦେଇଛନ୍ତି।

## ୪ ଦଫା ଦାବି ନେଇ ଗଣଧାରଣା

**ତାଳଚେର,୨୯।୧୦(ନି.ପ୍ର.)**

ଏମ୍‌ସିଏଲ୍‌ରେ କାର୍ଯ୍ୟରତ ଘରୋଇ ସିକ୍ୟୁରିଟି ଗାର୍ଡମାନେ ସ୍ଥାନୀୟ ଜଗନ୍ନାଥ ଏରିଆ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଗଣଧାରଣା ଦେଇଥିଲେ। ବକେୟା ବୋନସ ପ୍ରଦାନ, ସିଏମ୍‌ପିଏଫ୍ ଜମା କରିବା, ସମସ୍ତ ଗାର୍ଡଙ୍କୁ ମେଡିକାଲ କାର୍ଡ ପ୍ରଦାନ ଓ ବାର୍ଷିକ ଆୟର ବିବରଣୀ ପ୍ରଦାନ ଦାବି ନେଇ ଏହି ଗଣଧାରଣା ଦିଆଯାଇଥିଲା। ଅପରାହ୍ନରେ ଖଣି କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ ନିମନ୍ତେ ୧୫ ଦିନ ସମୟ ନେଇଥିଲେ। ସଭାପତି ମୋହନ ନାୟକ ଓ ସମ୍ପାଦକ ପ୍ରଶାନ୍ତ ଜେନା ଏହାର ନେତୃତ୍ୱ ନେଇଥିଲେ।

## କଂସମୁଣ୍ଡାରେ ମା'ଙ୍କ ବିସର୍ଜନ ଉତ୍ସବ

**କଣିହାଁ,୨୯।୧୦(ଡି.ଏନ.ଏ.)**

କଣିହାଁ ବ୍ଲକ କଂସମୁଣ୍ଡା ଗ୍ରାମରେ ୮ରୁ ଅଧିକ ମଣ୍ଡପରେ ଲକ୍ଷ୍ମୀପୂଜା ହୋଇଥିଲା। ଏଥିଯୋଗୁ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସୋମବାର ମଣ୍ଡପରେ ପୂଜା ପାଉଥିବା ମୃଣ୍ମୟୀ ମୂର୍ତ୍ତିର ବିସର୍ଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପୂଜାକମିଟି ପକ୍ଷରୁ ଘଣ୍ଟ,ବାଦ୍ୟ, ଖୋଳ ମାଧ୍ୟମରେ ବିରାଟ ଶୋଭାଯାତ୍ରାରେ ଗ୍ରାମ ଲକ୍ଷ୍ମୀସାଗର ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯାଇଛି। ସେହିପରି ବଡ଼ହୀରା ଗ୍ରାମ ନୂଆଁସାହି, ହରିଜନ ସାହି ତରଫରୁ ଭସାଣି କାର୍ଯ୍ୟକ୍ରମ ହୋଇଛି। କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

■ନିଖୋଜ ଶିଶୁ କନ୍ୟା ସାରୁଆଳିରୁ ଉଦ୍ଧାର

## ଶିଶୁ ମଙ୍ଗଳ ଅଧିକାରୀଙ୍କୁ ହସ୍ତାନ୍ତର କଲା ପୋଲିସ



**ବନ୍ତଲା, ୨୯।୧୦(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଲା ଥାନା ନୂଆକ୍ଷେତା ସାରୁଆଳି ଗ୍ରାମ ନିକଟସ୍ଥ ରାସ୍ତା ପାର୍ଶ୍ୱ ମାଟି ତଳୁ ରବିବାର ଉଦ୍ଧାର ହୋଇଥିବା ଜଣେ ନବଜାତ ଶିଶୁକନ୍ୟାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯିବା ପରେ ତାଙ୍କ ପତ୍ତା ମିଳି ନ ଥିଲା। ସୋମବାର ପୋଲିସ ସାରୁଆଳି ଗ୍ରାମରୁ ଶିଶୁକନ୍ୟାଙ୍କୁ ଉଦ୍ଧାର କରିବା ସହ ଜିଲା ଶିଶୁ ମଙ୍ଗଳ ଅଧିକାରୀଙ୍କୁ ହସ୍ତାନ୍ତର କରିଛି।

ପ୍ରକାଶ ଥାଉ କି, ରବିବାର ଅପରାହ୍ନରେ ଗ୍ରାମର ମଙ୍ଗୁଲୁ ଜାନି ଛେଳି ଚରାଉଥିବାବେଳେ କାନ୍ଦ ଶୁଣି ଗ୍ରାମ ରାସ୍ତାପାର୍ଶ୍ୱ ମାଟି ତଳୁ ଜଣେ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ। ପରେ ସ୍ଥାନୀୟ ଆଶାକର୍ମୀଙ୍କ ସହ ମଙ୍ଗୁଲୁ ଓ ତାଙ୍କ ସ୍ତ୍ରୀ ପ୍ରତିମା ଶିଶୁ କନ୍ୟାକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ ହେଁ ସେଠାରୁ ଉକ୍ତ ଦମ୍ପତି ଶିଶୁଟିକୁ ନେଇ କେଉଁଆଡେ ଚାଲିଯାଇଥିଲେ। ସୋମବାର ସକାଳେ ପୋଲିସ ସାରୁଆଳିରେ ପହଞ୍ଚି ଶିଶୁଟିକୁ ଉଦ୍ଧାର କରିଥିଲା। ତେବେ ମାଟି ତଳୁ ପାଇଥିବା ଶିଶୁଟିକୁ ନିଜ ପାଖରେ ରଖି ଲାଳନ ପାଳନ କରିବାକୁ ପ୍ରତିମା ଓ ମଙ୍ଗୁଲୁ ଚିକିତ୍ସାଳୟ ପରିସରରୁ ପଳାଇଆସିଥିବା ପ୍ରକାଶ କରିଛନ୍ତି। ପୋଲିସ ଗ୍ରାମରେ ପହଞ୍ଚି ନବଜାତକଙ୍କୁ ଫେରାଇବାକୁ ବୁଝାଶୁଝା କରିଥିଲେ ହେଁ ପ୍ରଥମେ ପ୍ରତିମା ରାଜି ହୋଇ ନ ଥିଲେ। ପରେ ବନ୍ତଲା ଥାନା ଏଏସ୍‌ଆଇ ନେପାଳ ପଟା, ଆଶାକର୍ମୀ ସୁକାନ୍ତି ନାଏକ, ସାମାଜିକକର୍ମୀ ସନ୍ତୋଷ ମହାପାତ୍ର ପ୍ରମୁଖ ଦମ୍ପତିଙ୍କୁ ବୁଝାଶୁଝା କରିବା ସହ ଚିକିତ୍ସା ପରେ ନିୟମ ଅନୁଯାୟୀ ଶିଶୁଟିକୁ ଫେରାଇ ଆଣିପାରିବେ ବୋଲି କହିଥିଲେ। ଏଥିରେ ରାଜି ହୋଇ ପ୍ରତିମା ଶିଶୁକନ୍ୟାଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ।

### ଦଶହରା କ୍ରୀଡ଼ା ପୁରସ୍କାର ବିତରଣୀ ଉତ୍ସବ

**ତାଳଚେର,୨୯।୧୦(ନି.ପ୍ର.)**

ତାଳଚେର ବ୍ଲକ କିଶୋରିପାଳ ବଂଶୀଧର ଯୁବକ ସଂଘ ପକ୍ଷରୁ ୩୫ତମ ଦଶହରା କ୍ରୀଡାର ପୁରସ୍କାର ବିତରଣୀ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପେସ୍କାର ଗଡନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ବୃନ୍ଦାବନ ମହାନ୍ତି ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଭାଜପା ସାଧାରଣ ସମ୍ପାଦକ କାଳନ୍ଦୀ ସାମଲ, ସମ୍ମାନିତ ଅତିଥି ତାଳଚେର ପଟାୟତ ସାହେବ ପୁଷ୍ପେନ୍ଦ୍ର ଚନ୍ଦ୍ର ଦେବ, ଓଡ଼ିଶା କିନ୍ନର ସଂଘ ସଭାପତି ମୀରା ପରିଡା, ପ୍ରଦୀପ ସେବା ଟ୍ରଷ୍ଟ ସଭାପତି ପ୍ରଦୀପ ପୃଷ୍ଟି, ଶବର ସାଥି ରତ୍ନରାଣୀ ସାସମଲ, ତାଳଚେର ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ସାମାଜିକ କର୍ମୀ ବିଷ୍ଣୁମୋହନ ରଥ, ଧରମପୁର ସରପଞ୍ଚ ଅକ୍ଷୟ ପାଣି ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମ ସଭାପତି ଉଦୟମଣି ଗଡ଼ନାୟକ ମଞ୍ଚ ପରିଚାଳନା କରିଥିଲେ। ହେମନ୍ତ ଦାସ, କୁଶଧ୍ୱଜ ସାମଲ, ବୁଦ୍ଧିଆ ମହାନ୍ତି, ଦୁର୍ଗାଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା



ଖଣି ଖାଦାନ କ୍ଷତିଗ୍ରସ୍ତ ପ୍ରଜା ସଂଘ ପକ୍ଷରୁ ଗଣଧାରଣା ଦିଆଯାଇଛି।

**ତାଳଚେର,୨୯।୧୦(ନି.ପ୍ର.)**

ତାଳଚେର ଖଣି ଖାଦାନ କ୍ଷତିଗ୍ରସ୍ତ ପ୍ରଜା ସଂଘ ପକ୍ଷରୁ ସ୍ଥାନୀୟ କଳ କାରଖାନାରେ ୯୦ ପ୍ରତିଶତ ନିଯୁକ୍ତି ଓ ଟ୍ରେନ୍‌ରେ ପାଲଭିଡା ଦାବିରେ ସୋମବାର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଥିଲା। ତାଳଚେର ଅଞ୍ଚଳରେ ୮ଟି ଖୋଲା ଓ ୨ଟି ପୋଖରିଆ ଖାଦାନ ରହିଛି। ଦୈନିକ ବହୁ ପରିମାଣର କୋଇଲା ର୍‍ୟାକ୍ ଯୋଗେ ପରିବହନ ହେଉଛି। କିନ୍ତୁ ଟ୍ରେନ୍‌ରେ ପାଲ ଭିଡାଯାଉ ନ ଥିବାରୁ ପ୍ରଦୂଷଣ ବୃଦ୍ଧି ଯାଉଛି। ଏହା ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ନିୟମର ଖୋଲା ଉଲ୍ଲଂଘନ ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏହା କାର୍ଯ୍ୟକାରୀ ହେଲେ ହଜାର ହଜାର ବେକାର ଯୁବକ କର୍ମସଂସ୍ଥାନ ପାଇ ପାରନ୍ତେ। ସେହିପରି ତାଳଚେର ସାର କାରଖାନାର ପ୍ରାରମ୍ଭିକ କାମ ଆରମ୍ଭ ହେଲାଣି। ଏଠାରେ ସ୍ଥାନୀୟ ଲୋକଙ୍କୁ ଅଣଦେଖା କରାଯାଇ ବାହାର ଲୋକଙ୍କୁ ନିଯୁକ୍ତି ଦିଆଯାଉଛି। ସରକାରଙ୍କ ନିୟମ ମୁତାବକ ୯୦ ପ୍ରତିଶତ ସ୍ଥାନୀୟ ଲୋକଙ୍କୁ ଏହି କାରଖାନାରେ ନିଯୁକ୍ତି ଓ ଟ୍ରେନରେ ପାଲ ଭିଡା ନ ହେଲେ ଆଗାମୀ ଦିନରେ ସଂଘ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବ ବୋଲି ଚେତାବନୀ ଦିଆଯାଇଛି। ସଭାପତି ମନୋଜ ପ୍ରଧାନ, ସମ୍ପାଦକ ବିଭୂତି ଭୂଷଣ ବିଶ୍ୱାଳ, ଭାଗୀରଥି ସାହୁ, ହରମୋହନ ବେହେରା, ଅନୁକୂଳ ଆଚାର୍ଯ୍ୟ, ଧୀରେନ ପ୍ରଧାନ, କ୍ଷୀରସିନ୍ଧୁ ସେଠୀଙ୍କ ସମେତ ବହୁ ସଦସ୍ୟ ଏଥିରେ ସାମିଲ ହୋଇ ଥିଲେ। ପରେ ଏ ସମ୍ପର୍କରେ ଏକ ଦାବିପତ୍ର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରାଯାଇଥିଲା।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

**ଅନୁଗୋଳ ଅଫିସ, ୨୯।୧୦**

ସମାଜର ପ୍ରତ୍ୟେକ ସ୍ତରରୁ ଦୁର୍ନୀତି ନିପାତ କରି ସୁସ୍ଥ ସମାଜ ଗଠନ କରିବା ସହ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଓ ସଚେତନ କରିବା ପାଇଁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ସୋମବାର ଠାରୁ ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆରମ୍ଭ ହୋଇଛି। ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଏହା ପାଳନ କରାଯିବ। ପ୍ରଥମ ଦିବସରେ ଜିଲା କାର୍ଯ୍ୟାଳୟ ବାରଣ୍ଡାରେ ଆୟୋଜିତ ଶପଥ ପାଠ କାର୍ଯ୍ୟକ୍ରମରେ ଜିଲାପାଳ ଅନିଲ କୁମାର ସାମଲ ଯୋଗଦେଇ ଉପସ୍ଥିତ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଆସିଷ୍ଟାଣ୍ଟ କଲେକ୍ଟର ଲମ୍ବୋଦର ମାରାଣ୍ଡି ଓ ସୋଫି ସାଇନିକାଙ୍କ ସମେତ ଜିଲା କାର୍ଯ୍ୟାଳୟ, ଅନୁଗୋଳ ଉପଜିଲାପାଳ କାର୍ଯ୍ୟାଳୟ ଓ ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗଦେଇ ଶପଥ ପାଠ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନ୍ୟାୟ ନ ମିଳିଲେ ଆତ୍ମାହୁତି ଚେତାବନୀ

**ପଦ୍ମପୁର,୨୯।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତ ଶ୍ରୀବତ୍ସପୁର ଗ୍ରାମର ଋଷି ଜେନା ତାଙ୍କ ଭୂଦାନ ଜମି ହଡ଼ପ ନେଇ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେ ତହସିଲଦାର, ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଓ ନାୟକାଣିଡିହୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଋଷିଙ୍କ ବାପା କାଙ୍ଗାଳି ଜେନାଙ୍କୁ ୧୯୬୩ ମସିହାରେ ଭୂଦାନ ଆକାରରେ ୧୫୦ ଡିସିମିଲ ଜମି ସରକାରଙ୍କ ତରଫରୁ ମିଳିଥିଲା। ସେବେଠାରୁ ସେ ଜମିରେ ଧାନଚାଷ କରିଆସୁଥିଲେ। କାଙ୍ଗାଳିଙ୍କ ମୃତ୍ୟୁ ପରେ ଋଷି ଜମି ଦଖଲ କରୁଥିଲେ। ୨୦୧୪ରେ ଗ୍ରାମର ଜଣେ କ୍ଷମତାଶାଳୀ ବ୍ୟକ୍ତି ଚଞ୍ଚକତା କରି ସେହି ଜମିକୁ ତାଙ୍କ ନାମରେ ରେକର୍ଡଭୁକ୍ତ କରାଇ ନେଇଛନ୍ତି। ତେଣୁ ନ୍ୟାୟ ନମିଳିଲେ ଆତ୍ମାହୁତି ଦେବେ ବୋଲି ସେ ଚେତାବନୀ ଦେଇଛନ୍ତି।

# ସଜାଗ ରହିଲେ ବିପର୍ଯ୍ୟୟ ମୁକାବିଲା କରିହେବ

**ଅନୁଗୋଳ ଅଫିସ, ୨୯।୧୦**




ଜିଲାସ୍ତରୀୟ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ପ୍ରଶମନ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ସକାଳୁ ଏକ ସଚେତନତା ରାଲି ବାହାରିବା ସହ ଜିଲା କାର୍ଯ୍ୟାଳୟ ଠାରେ ଏକ ମକ୍ ଡ୍ରିଲର ଆୟୋଜନ ହୋଇଥିଲା। ପୂର୍ବାହ୍ନରେ ଜିଲା ପରିଷଦ ସମ୍ମିଳନୀ ଗୃହରେ ଆୟୋଜିତ ସଭାରେ ଅନୁଗୋଳ ଜିଲାପାଳ ଅନିଲ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

ଏହି ଅବସରରେ ଜିଲାପାଳ କହିଥିଲେ ଯେ, ପ୍ରାକୃତିକ ବିପର୍ଯ୍ୟୟର ଠିକ୍ ମୁକାବିଲା ପାଇଁ ବିଭାଗୀୟ ଅଧିକାରୀମାନେ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା ସହ ସଜାଗ ରହିଲେ ଯେ କୌଣସି ପରିସ୍ଥିତିର ମୁକାବିଲା କରିହେବ। ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟର ଠିକଣା ମୁକାବିଲା କରାଯାଉଛି। ସେହିପରି କ୍ଷୟକ୍ଷତି ନିୟନ୍ତ୍ରଣ କରିବା ପାଇଁ ମଧ ବିଭିନ୍ନ ସମୟରେ କର୍ମଚାରୀମାନଙ୍କୁ ଉନ୍ନତ ଧରଣର ତାଲିମ ପ୍ରଦାନ କରାଯାଉଛି। ଅତୀତରେ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟ ତଥା ରାସ୍ତା ଦୁର୍ଘଟଣାର ଯେପରି ମୁକାବିଲା କରାଯାଇଛି ସେହିପରି ପ୍ରସ୍ତୁତ ଓ ସଜାଗ ରହିବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଜିଲା ଯକ୍ଷ୍ମା ନିରାକରଣ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁ, ଡେପୁଟି କଲେକ୍ଟର ବଇତୁରା ଦୀପ, କାରଖାନା ଓ ବାଷ୍ପିତ୍ର ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଜିଲା ସଂଯୋଜକ ପ୍ରଦୋଷ କୁମାର ଶତପଥୀ ବୈଠକ ପରିଚାଳନା କରିଥିଲେ। ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟ ପରିସରରୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଏହାକୁ ଜିଲା ଅତିରିକ୍ତ ଜିଲାପାଳ ଉଦ୍‌ଘାଟନ କରିଥିଲେ। ଏହି ଦିବସ ପାଳନ ଉପଲକ୍ଷେ କଲେଜ ଓ ହାଇସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ, ସାମାଜିକ କର୍ମୀ ପର୍ଶୁରାମ ଦାସଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ, ସାମାଜିକ କର୍ମୀ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

### ମକ୍‌ଡ୍ରିଲ୍‌ରେ ଅତିରିକ୍ତ ଜିଲାପାଳ ସାମିଲ

**ଅନୁଗୋଳ ଅଫିସ, ୨୯।୧୦-** ଜିଲାସ୍ତରୀୟ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ପ୍ରଶମନ ଦିବସ ପାଳନ ବେଳେ ଜିଲା କାର୍ଯ୍ୟାଳୟ ଠାରେ ଅଗ୍ନିଶମ ବିଭାଗ ପକ୍ଷରୁ ଏକ ମକ୍‌ଡ୍ରିଲ ଆୟୋଜନ କରାଯାଇଥିଲା। ଏହି ଅବସରରେ ଅଗ୍ନିଶମ ଅଧିକାରୀ ସର୍ବେଶ୍ୱର ବରାଳ ଓ ତାଙ୍କ କର୍ମଚାରୀମାନଙ୍କ ଦ୍ୱାରା ଉପଜିଲାପାଳଙ୍କ କାର୍ଯ୍ୟାଳୟ ଉପରୁ ଅଗ୍ନି ବିପନ୍ନମାନଙ୍କୁ ଉଦ୍ଧାର କରିବାର କୌଶଳ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଦେଖାଯାଉଥିଲା। ଏହି ମକ୍‌ଡ୍ରିଲ୍‌ରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କୁ ସାମିଲ କରାଯାଇଥିଲା। ଅତିରିକ୍ତ ଜିଲାପାଳଙ୍କୁ କିପରି ଉଦ୍ଧାର କରାଯାଏ, ତାହାର ଉଦାହରଣ ତାଙ୍କୁ ଛାତ ଉପରୁ ତଳକୁ ଖସାଯାଇ ଦେଖାଯାଇଥିଲା।

## ସଂକ୍ଷେପରେ

### କମେଣ୍ଟ ମରାକୁ ନେଇ ଗଣ୍ଡଗୋଳ

କଣିହାଁ, ୨୯।୧୦(ଡି.ଏନ.ଏ.): ଜଣେ ଯୁବତୀଙ୍କୁ କମେଣ୍ଟ ମାରିବାକୁ ନେଇ କଣିହାଁ ଥାନା କଂସମୁଣ୍ଡା ଗ୍ରାମରେ ରବିବାର ଗଣ୍ଡଗୋଳ ହୋଇଛି। ଏ ନେଇ ଥାନାରେ ସୋମବାର ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଥାନା ଭାରପ୍ରାପ୍ତ ଅଧିକାରୀ ସୁକାନ୍ତି କେରକେଟାଙ୍କ ସୂଚନା ମୁତାବକ, ଦୁର୍ଗାପୁର ଗ୍ରାମର ପଦ୍ମଚରଣ ନାୟକ ୪ ବର୍ଷ ହେଲା କଂସମୁଣ୍ଡା ଗ୍ରାମସ୍ଥିତ ତାଙ୍କ ଶ୍ୱଶୁର ଘରେ ରହୁଛନ୍ତି। ଗ୍ରାମରେ ଲକ୍ଷ୍ମୀପୂଜା ଅବସରରେ ତାଙ୍କ ସମ୍ପର୍କୀୟଙ୍କୁ ସେହି ଅଞ୍ଚଳର ଧନଞ୍ଜୟ ଦେହୁରୀ ରବିବାର ସନ୍ଧ୍ୟାରେ କମେଣ୍ଟ ମାରିଥିଲେ। ପଦ୍ମଚରଣ ପ୍ରତିବାଦ କରିବାରୁ ଧନଞ୍ଜୟ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏଥିରେ ପଦ୍ମଚରଣଙ୍କ ମୁଣ୍ଡ ଫାଟିଯାଇଛି। ପୋଲିସ ନଂ. ୧୭୧/୧୮ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଛି।

### ହାତୀ, ବାର୍‌ହା ଉପଦ୍ରବ ଥମୁନି



ପବିତ୍ରନଗର/କଣିହାଁ,୨୯।୧୦(ଡି.ଏନ.ଏ.) ଅନୁଗୋଳ ଜିଲା ତାଳଚେର ବନାଞ୍ଚଳ ଶିପୁର ସେକ୍ସନ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ହାତୀ ଓ ବାର୍‌ହାଙ୍କ ଉପଦ୍ରବ ଥମିବାର ନାଁ ଧରୁନି। ଏଥିଯୋଗୁ ଅଞ୍ଚଳର ବହୁ ଚାଷୀଙ୍କ ବ୍ୟାପକ ଧାନ ଫସଲ ନଷ୍ଟ ହେବା ସହ ପନିପରିବା ଚାଷ କ୍ଷତିଗ୍ରସ୍ତ ହେଉଛି। ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। କିଛିଦିନ ତଳେ ବିରୁ, ବୁଲାଝର, ଲଙ୍ଗଳଖୋଲ, ଢୋଲଗଣ୍ଡିଆ, ବାଲିଝରଣ, ସିଆରିଆ, ମହୁରିଆପଶି, ବରପାଳ, ନାଇକାନାଳୀ, ଡେରାଗୋଳା, ବୁରୁକୁନା, ବାଦିବାହାଲ ଆଦି ଗ୍ରାମରେ ହାତୀ ପଲ ଓ ବାର୍‌ହା ପଶି ଧାନ ଫସଲ ଖାଇବା ସହ ନଷ୍ଟ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଜଙ୍ଗଲ ବିଭାଗ ପକ୍ଷରୁ ଏ ଦିଗରେ ଦୃଷ୍ଟି ଦିଆଯାଇ କ୍ଷତିପୂରଣ ପ୍ରଦାନ କରିବାକୁ ଚାଷୀ କାଶିଆ ଗ୍ରାମର ଟାଙ୍ଗୁରୁ ବେହେରା, ବାଲିଝରଣ ଗ୍ରାମର ରାଉତରା ନାୟକ, ଲଙ୍ଗଳଖୋଲର ଗୋଲେଖ ପ୍ରଧାନ, ମହୁଲିଆପଶିର ଅଜିତ ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ତାଳଚେର ବନାଞ୍ଚଳ ଅଧିକାରୀ ନିରଞ୍ଜନ ବେହେରା କୁହନ୍ତି, ବନ୍ୟପ୍ରାଣୀଙ୍କ ଦ୍ୱାରା ଫସଲ କ୍ଷୟକ୍ଷତି ଆମ ନିକଟରେ ରିପୋର୍ଟ ହେବା ଦରକାର। ଯେଉଁମାନଙ୍କର କ୍ଷୟକ୍ଷତି ହୋଇଛି ସେମାନେ ନିୟମ ଅନୁଯାୟୀ ଆବେଦନ କଲେ କ୍ଷତିପୂରଣ ମିଳିବ। ସେହିପରି କଣିହାଁ ବନାଞ୍ଚଳ ଅଧୀନ ରେଙ୍ଗାଳି ଓ ହନୁମାନପୁର ଫରେଷ୍ଟ ଅଞ୍ଚଳରେ ୩ ଦିନ ହେଲା ହାତୀ ଉପଦ୍ରବ ଲାଗି ରହିଛି। ହାତୀ ସହ ବାର୍‌ହା ପଲ ମଧ ଧାନ ବିଲରେ ପଶି ବ୍ୟାପକ ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ତୁରନ୍ତ ବିଭାଗ ହାତୀ ଓ ବାର୍‌ହା ଘଉଡାଇବାକୁ ସାମାଜିକକର୍ମୀ ପ୍ରତାପ ରଞ୍ଜନ ଶତପଥୀ, ବିକାଶ କୁମାର ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। କଣିହାଁ ରେଞ୍ଜର ପ୍ରତାପ ଚନ୍ଦ୍ର ରାଉଳ କହିଛନ୍ତି, ସୋମବାର ସନ୍ଧ୍ୟାରେ ୧୦ଟି ହାତୀ ଦଳକ, ତାଳପଦା ପଞ୍ଚାୟତରେ ଅଛନ୍ତି। ବିଭାଗ ପକ୍ଷରୁ ଘଉଡାଇବାକୁ ଉଦ୍ୟମ ଚାଲିଛି।

### ଜିଏଲ୍‌ସିସି ସିନିୟର ଚାମ୍ପିୟନ

ଆଠମଲ୍ଲିକ, ୨୯।୧୦(ଡି.ଏନ.ଏ.) ଆଠମଲ୍ଲିକ ବିଜୁ ଯୁବ ବାହିନୀ ୩ ନଂ. କ୍ଲବ ପକ୍ଷରୁ ସ୍ଥାନୀୟ ଖେଳ ପଡିଆରେ ରବିବାର ଏକ ଦିବସୀୟ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓକିଲ ସଂଘ ସଭାପତି ଦିନେଶ କୁମାର ସିଂ ସାମନ୍ତ, ସମ୍ମାନିତ ଅତିଥିଭାବେ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲବ କିଶୋର ପ୍ରଧାନ, ଉଦୀପ୍ତ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ। ଜିଏଲ୍‌ସିସି ସିନିୟର ଓ ଜିଏଲ୍‌ସିସି ଜୁନିୟର ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଏଲ୍‌ସିସି ସିନିୟର ୩୩ ରନ୍‌ରେ ଜିଏଲ୍‌ସିସି ଜୁନିୟରକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ମୁଖ୍ୟଅତିଥି ଚାମ୍ପିୟନ ଦଳ ଓ ସମ୍ମାନିତ ଅତିଥି ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଯୁବ ବାହିନୀ ସଭାପତି ପ୍ରିୟବ୍ରତ ସାମଲ, ସମ୍ପାଦକ ଅବିନାଶ ଷଡଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ।

## ରାଜକିଶୋରନଗର ଉପଡାକଘର

# ଜଣେ କର୍ମଚାରୀରେ ଚାଲିଛି କାର୍ଯ୍ୟ

ବଇଣ୍ଡା, ୨୯।୧୦(ଡି.ଏନ.ଏ.)



ରାଜକିଶୋରନଗରସ୍ଥିତ ଉପଡାକଘର।

ଅନୁଗୋଳ ଜିଲା କିଶୋରନଗର ବ୍ଲକଠାରେ ଥିବା ରାଜକିଶୋରନଗର ଉପଡାକଘର ଏବେ ସମସ୍ୟା ଭିତରେ ଗତି କରୁଛି। ଆବଶ୍ୟକ କର୍ମଚାରୀ ନ ଥିବାରୁ ଲୋକେ ଏଠାରେ ସେବା ପାଇପାରୁ ନାହାନ୍ତି। ମାତ୍ର ଜଣେ କର୍ମଚାରୀରେ ଡାକଘର ଚାଲୁ ଥିବାରୁ ଅଞ୍ଚଳବାସୀ ହଇରାଣ ହେଉଛନ୍ତି।

ବ୍ଲକର ଏହା ମୁଖ୍ୟ ଉପଡାକଘର ହୋଇଥିବାବେଳେ ଏହା ଉପରେ ଧଉରାପାଲି, ଜଏରାଟ ପଞ୍ଚାୟତ ସମେତ ଆମ୍ବପାଳ, ଅଙ୍ଗପଡା, ବାକୁର, ଘୋଷର, ହିମିତିରା, କଦଳୀମୁଣ୍ଡା, କଲ୍ୟାଣପୁର, କିଆକଟା, ଓସ୍ତାପାଲି, ରଣିଆକଟା, ସଞ୍ଜାମୁରା, ଟୁସର, ଉରୁକୁଳା ଆଦି ୧୪ଟି ଶାଖା ଡାକଘର ନିର୍ଭରଶୀଳ। ଏଥିସହ କିଶୋରନଗର ଅଞ୍ଚଳରେ ଥିବା ବ୍ଲକ ତହସିଲ, ଦୁଇଟି ବ୍ୟାଙ୍କ, ସ୍କୁଲ, କଲେଜ, ଟ୍ରେଜେରି, ସ୍ୱାସ୍ଥ୍ୟକେନ୍ଦ୍ର, ଥାନା ଆଦି ସହ ଅନେକ ସରକାରୀ କାର୍ଯ୍ୟାଳୟ ଟଙ୍କା ଡିପୋଜିଟ୍, ଉଠାଣ, ଚିଠିପତ୍ର ପଠାଇବା ପାଇଁ ଏହି ଡାକଘର ଉପରେ ନିର୍ଭରଶୀଳ। ତେବେ କର୍ମଚାରୀ ଅଭାବରୁ ଏଠାରେ ଅବ୍ୟବସ୍ଥା ସୃଷ୍ଟି ହେବା ସହ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏଠାରେ ଜଣେ ଆସିଷ୍ଟାଣ୍ଟ ପୋଷ୍ଟ ମାଷ୍ଟର ଓ ଜଣେ ପୋଷ୍ଟ ପିଅନ ନିଯୁକ୍ତି ପାଇଛନ୍ତି। ଦୀର୍ଘ ବର୍ଷ ହେଲା ପୋଷ୍ଟମାଷ୍ଟର ପଦବୀ ଖାଲି ପଡିଥିବାବେଳେ ଆସିଷ୍ଟାଣ୍ଟ ପୋଷ୍ଟମାଷ୍ଟର ଏଠାରେ କାମ ଚଳାଉଛନ୍ତି। ଲୋକେ ଟଙ୍କା ଉଠାଣ, ଡିପୋଜିଟ୍ ଆଦି ପାଇଁ ଘଣ୍ଟା ଘଣ୍ଟା ଧରି ଲାଇନ୍ ଛିଡା ହୋଇ ଫେରୁଛନ୍ତି। ଏପରିକି ଫର୍ମ ନ ଥିବାରୁ ଲୋକେ ସାଦା କାଗଜରେ ତଥ୍ୟ ଉଲ୍ଲେଖ କରୁଥିବା ଦେଖାଯାଇଛି। ସେହିପରି କାର୍ଯ୍ୟାଳୟରେ ବ୍ୟାଟେରି କିମ୍ବା ଜେନେରେଟର ସୁବିଧା ନ ଥିବାରୁ ବିଦ୍ୟୁତ୍ କାଟ ହେଲେ ସେବା ଅଚଳ ହୋଇପଡୁଛି। ପ୍ରତିଦିନ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ହେଉଥିଲେ ହେଁ ବିଭାଗୀୟ ଉଚ୍ଚ ପଦାଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଲୋକେ ଅଭିଯୋଗ ହେଉଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯାଇ ଉପଡାକଘରର ସମସ୍ୟା ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ରାଜକିଶୋରନଗର ଆସିଷ୍ଟାଣ୍ଟ ପୋଷ୍ଟମାଷ୍ଟର ମନୋରଞ୍ଜନ ଦେହୁରୀ କୁହନ୍ତି, କର୍ମଚାରୀ ନିଯୁକ୍ତି ସହ ଡାକଘରର ସମସ୍ତ ସମସ୍ୟା ସମାଧାନ ପାଇଁ ଡେପୁଟି ପୋଷ୍ଟାଲ ମ୍ୟାନେଜରଙ୍କୁ ଅବଗତ କରାଇଛି।

### ଝୁଲନ୍ତା ମୃତଦେହ ଉଦ୍ଧାର

ଚାନ୍ଦବାଲି,୨୯।୧୦(ଡି.ଏନ.ଏ.): ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ନୂଆଗାଁ ହଟପୁର ଗାଁରେ ଜଣେ ନବବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ରବିବାର ଅପରାହ୍ନରେ ଉଦ୍ଧାର କରାଯାଇଛି। ଶାଶୁଘର ଲୋକେ ଏହା ଆତ୍ମହତ୍ୟା ବୋଲି କହୁଥିବାବେଳେ ବାପଘର ଲୋକେ ସୋମବାର ହତ୍ୟା ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତଦନ୍ତ ପରେ ବ୍ୟବଚ୍ଛେଦ କରାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୮/୧୮) ରୁଜୁ କରାଯାଇ ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ଖେରଙ୍ଗ ପଞ୍ଚାୟତ ଶାଶୁଭୁଆଶୁଣି ଗାଁର ଅନିରୁଦ୍ଧ ନାୟକଙ୍କ ଝିଅ ଝରଣା ନୂଆଗାଁର ମଳୟ ପରିଡ଼ାଙ୍କୁ ଗତ ୪ ମାସ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବିରେ ଝରଣାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି।

### ଭାଲୁଙ୍କ ଆକ୍ରମଣ: ଜଣେ ଆହତ

ନୀଳଗିରି, ୨୯।୧୦(ଡି.ଏନ.ଏ.): ନୀଳଗିରି ବନାଞ୍ଚଳ ଅଧିନ ହାତିଆଶିଳା ଗାଁର ସୋମବାର ଭାଲୁ ଆକ୍ରମଣରେ ଜଣେ ଆହତ ହୋଇ ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେ ହେଲେ ଶିବ ପ୍ରସାଦ ସିଂ (୫୨)। ପ୍ରତ୍ୟୁଷରେ ଶିବ ଶୌଚ ପାଇଁ ଘର ନିକଟ ପଡିଆକୁ ଯାଇଥିବା ବେଳେ ୩ଟି ଭାଲୁ ଏକ ସଙ୍ଗେ ଆକ୍ରମଣ କରିଥିଲେ।

## ଉପଜିଲାପାଳ ଅଫିସ୍ ସମ୍ମୁଖରେ ବିକ୍ଷୋଭ


କୃଷକ ମହାସଂଘ ସଦସ୍ୟମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଆଠମଲ୍ଲିକ, ୨୯।୧୦(ଡି.ଏନ.ଏ.)

ଓଡ଼ିଶା କୃଷକ ମହାସଂଘ, ଆଠମଲ୍ଲିକ ଶାଖା ପକ୍ଷରୁ ୯ ଦଫା ଦାବିରେ ସୋମବାର ଆଠମଲ୍ଲିକ ଉପଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଚାଷୀ ନେତା ଆଇନଜୀବୀ ଅଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ଖେଳ ପଡିଆରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ସଂଘ ସଭାପତି ଦେବେନ୍ଦ୍ର କୁମାର ପ୍ରଧାନଙ୍କ ସଭପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ କେନ୍ଦୁପତ୍ର ସଂଘ ରାଜ୍ୟ ଉପସଭାପତି ବିନୋଦ ପ୍ରଧାନ, ପୂର୍ବତନ ସରପଞ୍ଚ ସୁଦର୍ଶନ ଗାଇଗରିଆ, ପୂର୍ବତନ କାଉନସିଲର ସୂର୍ଯ୍ୟ ନାରାୟଣ ସିଂ ସାମନ୍ତ, ଯୁବନେତା ଭୀମସେନ ମହାକୁଡ, ବିପିନ ପ୍ରଧାନ ପ୍ରମୁଖ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଆଠମଲ୍ଲିକ ଉପଖଣ୍ଡର ସମସ୍ତ ଜମିକୁ ଜଳସେଚନ ସୁବିଧା, ମାନଜୋର ସମେତ ସୁରେଶ୍ୱରୀ, ଧଉରାଗୋଠ, ମହାସତୀ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯିବା, ପାତ୍ରପଡା ଠାରୁ କିଆକଟା ପର୍ଯ୍ୟନ୍ତ ଏବଂ ମାଳିପଦର ଠାରୁ ହରିଡାକୋଠା ପର୍ଯ୍ୟନ୍ତ କେନାଲ କାମ ପାଇଁ ତୁରନ୍ତ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବା, ଚାଷୀଙ୍କ ଋଣ ଛାଡ କରିବା, ଧାନର ଧାର୍ଯ୍ୟ ମୂଲ୍ୟ ୨୯୩୦ ଟଙ୍କା ପ୍ରଦାନ କରାଯିବା, ମାଧପୁର ଠାରେ ଶୀତଳ ଭଣ୍ଡାର ନିର୍ମାଣ, ଦୁଗ୍ଧ ଚାଷୀଙ୍କୁ ଲିଟର ପିଛା ୪୦ ଟଙ୍କା ପ୍ରଦାନ କରିବା, ଫସଲକୁ ବନ୍ୟପ୍ରାଣୀଙ୍କ ଦାଉରୁ ରକ୍ଷା କରିବା ଆଦି ଦାବି ନେଇ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ ଆନ୍ଦୋଳନକାରୀଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଗ୍ରହଣ କରିବା ସହ ୧୫ ଦିନ ମଧ୍ୟରେ ବିଭାଗୀୟ ସ୍ତରରେ ତର୍ଜମା କରାଯାଇ ପଦକ୍ଷେପ ନିଆଯିବ ବୋଲି ବୁଝାଇବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ

# କୁକୁରପେଟା ଚାମ୍ପିୟନ


ବିଜୟୀ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

ଛେଣ୍ଡିପଦା,୨୯।୧୦(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ କୁକୁରପେଟା ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ରବିବାର ସ୍ଥାନୀୟ ହାଇସ୍କୁଲ ଖେଳ ପଡିଆଠାରେ ଏକ ଦିବସୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ କୁକୁରପେଟା ଓ କସିଡିହ ଟିମ୍ ମଧ୍ୟରେ ଖେଳାଯାଇଥିଲା। କୁକୁରପେଟା ପ୍ରଥମେ ବ୍ୟାଟିଂ କରି ୧୦୬ ରନ କରିଥିଲା। ଜବାବରେ କସିଡିହ ୯୮ ରନ କରି ପରାସ୍ତ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଚାମ୍ପିୟନ କୁକୁରପେଟା ଦଳର ଲୁନା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟାର ଭାବେ ଅର୍ଜୁନ ସାହୁ, ଉଚ୍ଛବ ସାହୁ ଖେଳ ପରିଚାଳନା କରିଥିଲେ। ଆନନ୍ଦ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଯୁବ ବାହିନୀ ସଭାପତି ବୁଲୁ ସାହୁ, ସମ୍ପାଦକ ମିଳନ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ମୁଖ୍ୟଅତିଥି ଭାବେ ସରପଞ୍ଚ ମୋହନ ଚନ୍ଦ୍ର ସାହୁ ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ।

### ଜରପଡା, ଦୁର୍ଗାପୁରରେ ଭସାଣି ଉତ୍ସବ

ଛେଣ୍ଡିପଦା,୨୯।୧୦(ଡି.ଏନ.ଏ.): ଛେଣ୍ଡିପଦା ବ୍ଲକ ଜରପଡା ବସଷ୍ଟାଣ୍ଡ ମା' ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସୋମବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ସରୋଜ କୁମାର ସାହୁ, ସମ୍ପାଦକ ସାଗର ସାହୁ, ସୁଜିତ ସାହୁ, ପତି ସାହୁ, ମିକୁ ସାହୁ, ଶ୍ରୀକାନ୍ତ ବେହେରା, ଶିବାନୀ ବିଶ୍ୱାଳ, ଅନିଲ ପୃଷ୍ଟି, ଲିପୁନ ସାହୁ, ମନୋଜ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସେହିପରି କୁମୁରୁ ସିଂହ ଗ୍ରାମ ପରିଚାଳନା କମିଟି ପକ୍ଷରୁ ଏହି ଉତ୍ସବ ପାଳିତ ହୋଇଯାଇଛି। ଦୁର୍ଗାପୁର ଗ୍ରାମ ଛକ ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମଧ ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ମା'ଙ୍କ ମେଢକୁ ସୁସଜ୍ଜିତ କରାଯାଇ ଗ୍ରାମ ଏବଂ ନଗର ପରିକ୍ରମା କରାଯାଇଥିଲା। କମିଟି ମୁଖ୍ୟ ଦୁଃଶାସନ ସାହୁ, ସୁନୀଲ ସାହୁ, ବିଜୟ କୁମାର ସାହୁ, ବୁନା ସାହୁ, ପିଣ୍ଟୁ ଦେହୁରୀ, ସଂଗ୍ରାମ ପ୍ରଧାନ, ସୁମନ୍ତ ପ୍ରଧାନ, ବିଶ୍ୱଜିତ ପ୍ରଧାନ, ମିଟୁ ସାହୁ, ସାଗର ପ୍ରଧାନ, ମନୋଜ ଶତପଥୀ, ନିରଞ୍ଜନ ସାହୁ ସହଯୋଗ କରିଥିଲେ। ଯଜ୍ଞ କର୍ତ୍ତା ଭାବେ ଧ୍ରୁବ ଚରଣ ସାହୁ, ପୂଜକ ବିନୋଦ ଶତପଥୀ, ସହଯୋଗୀ ଅର୍ଜୁନ ବାରିକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।



## ଗାୟତ୍ରୀ ଯଜ୍ଞ ଅବସରରେ କଳସ ଶୋଭାଯାତ୍ରା

ବଅଁରପାଳ,୨୯।୧୦ (ଡି.ଏନ୍.ଏ.)

ବଅଁରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବିଦ୍ୟାଳୟର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରଜତ ଜୟନ୍ତୀ ଉତ୍ସବ ପାଳନ ହେବାକୁ ଯାଉଛି। ସେଥିପାଇଁ ବନ୍ଦା ଶୈବ ପୀଠରୁ ଅଭିଭାବିକା ଏବଂ ଗୁରୁମାମାନଙ୍କ ଦ୍ୱାରା ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଆଣି ବିଦ୍ୟାଳୟ ଅଭିମୁଖେ ସମସ୍ତେ ଶୋଭାଯାତ୍ରାରେ ଆସିଥିଲେ। ଏହାପରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ସଭାପତି ସତ୍ୟବାନ ବରାହଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଉପ ସଭାପତି ବନବିହାରୀ ପଟ୍ଟନାୟକ, ସମ୍ପାଦକ କୃତାର୍ଥ ସେନାପତି, ଯୁଗ୍ମ ସମ୍ପାଦକ ବିଷ୍ଣୁଚରଣ ସେନାପତି, କୋଷାଧ୍ୟକ୍ଷ ପ୍ରକାଶ କୁମାର ସିଂହ ଓ ପରିଚାଳନା ସମିତିର ପୂର୍ବତନ ସଦସ୍ୟା ସଦସ୍ୟ ସହଯୋଗ କରିଥିଲେ। ଅନୁଗୋଳ ବିଭାଗ ପ୍ରମୁଖ ପରେଶ ଚନ୍ଦ୍ର ପଟ୍ଟନାୟକ ଓ ସମ୍ଭାଗ ଶିଶୁ ବାଟିକା ସଂଯୋଜକ ପବିତ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ରୀତୁପ୍ରଭାତ କୁମାର ମିଶ୍ର, ଗୁରୁମା ଓ ଗୁରୁଜୀମାନେ ଉପସ୍ଥିତ ଥିଲେ।


ଅଭିଭାବିକା ଓ ଗୁରୁମାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

## ନାଲ୍‌କୋନଗରରେ ରାହାଗିରି କାର୍ଯ୍ୟକ୍ରମ

ବଅଁରପାଳ,୨୯।୧୦ (ଡ଼ି.ଏନ୍.ଏ.)

ନାଲ୍‌କୋନଗର ପରିସରରେ ରବିବାର ସନ୍ଧ୍ୟାରେ ରାହାଗିରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଫିସର କ୍ଲବର ତତ୍ତ୍ୱାବଧାନରେ ବିଜୁ ପଟ୍ଟନାୟକ ସ୍ପୋର୍ଟ କମ୍ପ୍ଲେକ୍ସ ସମ୍ମୁଖରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନାଲ୍‌କୋ ଷ୍ଟାଡିୟମ ଠାରୁ ତାରିଣୀ ଛକ ପର୍ଯ୍ୟନ୍ତ ପ୍ରାୟ ଏକ କିଲୋମିଟର ଯାଏ ଏହି ରାହାଗିରି ଅନୁଷ୍ଠିତ ହୋଇଥିଲା। ଏଥିରେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାଜକିଶୋର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ନାଲକୋ ମହାପ୍ରବନ୍ଧକ ସତ୍ୟାନନ୍ଦ ସାହୁ, ସ୍ମେଲ୍‌ଟର ମହାପ୍ରବନ୍ଧକ ମନଷା ମିଶ୍ର, ସିପିପି ମହାପ୍ରବନ୍ଧକ ଦେବବ୍ରତ ମହାପାତ୍ର, ବିଦ୍ୟା ମନ୍ଦିର ଅଧ୍ୟକ୍ଷ ଶତ୍ରୁଘ୍ନ ବେହେରା, ଉପାଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରତିଯୋଗୀମାନେ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ। ଚିତ୍ରାଙ୍କନ, ମେହେନ୍ଦି, ରଙ୍ଗୋଲି, ଗୀତ ନୃତ୍ୟ, ବର୍ଜ୍ୟବସ୍ତୁ ଉପରେ ସଚେତନା, ଯୋଗ, ପାଲା, ମାର୍ସଲଆର୍ଟ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଫିସର କ୍ଲବ ସାଧାରଣ ସମ୍ପାଦକ ଅନିଲ ଦଣ୍ଡସେନା, ନାଲ୍‌କୋ ପ୍ରବନ୍ଧକ ରାଜାରାମ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ବସ୍-ଟ୍ରକ୍ ଧକ୍କା, ୫ ଆହତ



ଦୁର୍ଘଟଣାଗ୍ରସ୍ତ ବସ୍।

ଛେଣ୍ଡିପଦା,୨୯।୧୦(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ମୁଣ୍ଡାସାହି-ଓଗୀ ପୂର୍ତ୍ତ ବିଭାଗ ରାସ୍ତାର ଓଗୀ ପଣସ ତଇଳା ନିକଟରେ ସୋମବାର ସକାଳେ ଏକ ବସ୍ ଓ ଟ୍ରକ୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ପ୍ରାୟ ୫ ଜଣ ଯାତ୍ରୀ ଆହତ ହୋଇଥିବା ଜଣାପଡିଛି। ଆହତମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଛନ୍ତି। ଘଟଣାରୁ ପ୍ରକାଶ, ଆଠମଲ୍ଲିକ କନ୍ତପଡା ଠାରୁ ଅନୁଗୋଳ ଅଭିମୁଖେ ଆସୁଥିବା ଏକ ଯାତ୍ରୀବାହୀ ବସ୍ ଜହ୍ନମାମୁ (ନଂ. ଓଆର୍ ୧୯ ଏମ ୪୭୩୧) ସହ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ବସ ଆଗ ସିଟରେ ବସିଥିବା ୪/୫ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ଖବରପାଇ ଜରପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି।

## ପାଇଖାନା ନିର୍ମାଣ ତାଲିକାରୁ ବାଦ ପଡ଼ିବା ଘଟଣା

# ପୁଣି ବ୍ଲକ ଅଫିସ ସମ୍ମୁଖରେ ଧାରଣା

ଛେଣ୍ଡିପଦା,୨୯।୧୦(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ଟାଙ୍ଗିରୀ ପଞ୍ଚାୟତ ପୁରୁଣାଗଡ ଗ୍ରାମର ୩ ଶହ ପରିବାର ମଧ୍ୟରୁ ୮୦ ପରିବାରକୁ ସ୍ୱଚ୍ଛ ଭାରତ ଯୋଜନାରେ ସାମିଲ କରାଯାଇ ପାଇଖାନା ନିର୍ମାଣ ପାଇଁ ଚୟନ କରାଯାଇଛି। ଅବଶିଷ୍ଟ ୨ ଶହ ପରିବାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏଥିରୁ ବାଦ୍ ଦିଆଯାଇଥିବା ଅଭିଯୋଗରେ ସୋମବାର ଦ୍ୱିତୀୟ ଥର ପାଇଁ ବ୍ଲକ ଅଫିସ୍ ସମ୍ମୁଖରେ ଧାରଣା ଦିଆଯାଇଛି। ପୂର୍ବରୁ ମଧ ଯୋଜନାରୁ ବାଦ୍ ପଡିଥିବା ଅଭିଯୋଗ କରି ଗ୍ରାମର ମହିଳାମାନେ ଆନ୍ଦୋଳନ କରିଥିଲେ। ସମାଧାନ ପାଇଁ ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନ ହଟିଥିଲେ ହେଁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ପୁଣି ଧାରଣା ଦିଆଯାଇଥିବା ଆନ୍ଦୋଳନକାରୀ ମହିଳା ପ୍ରକାଶ କରିଛନ୍ତି। ଖବରପାଇ ପାନୀୟ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ନାଥ ଦତ୍ତ ଧାରଣାରତ ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ଯେଉଁ ବ୍ୟକ୍ତିଙ୍କ ରାଶନ କାର୍ଡ ନାହିଁ ସେମାନଙ୍କୁ ଯୋଜନା ଅନୁଯାୟୀ ଶୌଚାଳୟ ମିଳିପାରିବ ନାହିଁ। ରାଶନ କାର୍ଡ ଥିବା ହିତାଧିକାରୀମାନଙ୍କୁ ଶୌଚାଳୟ ନିର୍ମାଣ କରିବାର ୭ ଦିନ ଭିତରେ ଅର୍ଥ ମଞ୍ଜୁର କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବ୍ଲକ ପ୍ରଶାସନ ତଥା ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଯଥାଶୀଘ୍ର ହିତାଧିକାରୀଙ୍କୁ ଚୟନକରି ତାଲିକାଭୁକ୍ତ କରା ନ ଗଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନାରୀନେତ୍ରୀ ପାକିଲି ସାହୁ, ଜୟନ୍ତୀ ସାହୁ, ଶାନ୍ତି ସାହୁ, ସୁକୁମାରୀ ଗଡନାୟକ, ପୁଷ୍ପଲତା ସାହୁ, ସଂଯୁକ୍ତା ସାହୁ, କବିତା ସାହୁ, ଝିଲି ସାହୁ, ଛବିରାଣୀ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।


ଆନ୍ଦୋଳନକାରୀ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ହାତୀ ମୃତ୍ୟୁକୁ ନେଇ ଉଦ୍‌ବେଗ

**ଢେଙ୍କାନାଳ ଅଫିସ୍, ୨୯।୧୦**

ଢେଙ୍କାନାଳ ଜିଲା କମଲାଙ୍ଗରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୭ହାତୀଙ୍କ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି। ଢେଙ୍କାନାଳ ଗସ୍ତରେ ଆସିଥିବାବେଳେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ସେ କହିଲେ, ଲକ୍ଷ୍ମୀପୂଜା ଚାଲିଥିବାବେଳେ ଏଭଳି ଅଭାବନୀୟ ଘଟଣା ଅତ୍ୟନ୍ତ କଷ୍ଟଦାୟକ। ଏହାର ଯେପରି ପୁନରାବୃତ୍ତି ନ ହୁଏ ସେଥିଲାଗି ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଛନ୍ତି।

### ଦନ୍ତା ଆକ୍ରମଣରେ ବୃଦ୍ଧା ଗୁରୁତର

**ଭୁବନ, ୨୯।୧୦(ଡି.ଏନ.ଏ.)-**

ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ଡମୋଳ ଗ୍ରାମରେ ସୋମବାର ଭୋର୍‌ରେ ଦନ୍ତା ହାତୀ ଆକ୍ରମଣରେ ମରୁଆ ନାୟକ (୮୫) ଗୁରୁତର ହୋଇଛନ୍ତି। ବୃଦ୍ଧାଜଣକ ଶୌଚ ହେବାକୁ ଯାଉଥିବାବେଳେ ଘର ନିକଟରେ ଯାଉଥିବା ଏକ ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଲାଞ୍ଜରେ ପିଟି ଦେବାରୁ ସେ ତଳେ ଖସିପଡ଼ିଥିଲେ। ଏଥିରେ ତାଙ୍କ ଡାହାଣ ହାତ ଭାଙ୍ଗିଯାଇଛି। ତାଙ୍କୁ ପ୍ରଥମେ ପରଜଙ୍ଗ ଏବଂ ପରେ ମଣ୍ଡାପାଳ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଫରେଷ୍ଟର ବିଶ୍ୱନାଥ ସୋରେନ୍ ଡାକ୍ତରଖାନାରେ ପହଞ୍ଚି ଚିକିତ୍ସା ଲାଗି ୫ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଅଞ୍ଚଳରେ ୨୨ ହାତୀ ଚଳପ୍ରଚଳ କରୁଛନ୍ତି। ଏଣୁ ଅଞ୍ଚଳବାସୀ ସତର୍କତା ଅବଲମ୍ବନ କରିବାକୁ ବନ ବିଭାଗ ପକ୍ଷରୁ କୁହାଯାଇଛି।

### ସୁରକ୍ଷା ବାଡ଼ରେ ପିଟି ହେଲା ବାଇକ୍, ୩ ଗୁରୁତର

**ପରଜଙ୍ଗ, ୨୯।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ୧୪୯ନଂ. ଜାତୀୟ ରାଜପଥର ରାଣା ପ୍ଲାଣ୍ଟ ନିକଟରେ ସୋମବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଅନୁଗୋଳ ଜିଲା ବଇଣ୍ଡା ଅଞ୍ଚଳର ରାକେଶ ନାୟକ, ହାତୀଲୁଚାଣି ଗ୍ରାମର ରାକେଶ ଭୋଇ, ଦୋମୁହାଁଣି ଗ୍ରାମର ରିଲୁ ଭୋଇ ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ୩ଜଣ ଦଦରାଘାଟି ଅଞ୍ଚଳକୁ ଯାଉଥିବାବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ସୁରକ୍ଷା ବାଡ଼ରେ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ସହାୟତାରେ ସମସ୍ତଙ୍କୁ ତାଳଚେର ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ୭କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ଭୁବନ, ୨୯।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଅବକାରୀ ବିଭାଗ ପକ୍ଷରୁ ସୋମବାର ଜିରାଳ ଗ୍ରାମରେ ଚଢ଼ାଉ କରାଯାଇ ୭କେଜି ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଯୋଗୀନାଥ ବେହେରା ଗିରଫ ହୋଇଛନ୍ତି। ଜିରାଳ ଗ୍ରାମ ଗୋଠପଡ଼ିଆ ଅଞ୍ଚଳରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସୂଚନା ପାଇ ଜିଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଇନ୍ସପେକ୍ଟର ଦେବୀପ୍ରସାଦ ମିଶ୍ର ସଦଳବଳ ଚଢ଼ାଉ କରିଥିଲେ। ଏ ନେଇ ନଂ. ୭୭/୧୮ରେ ମାମଲା ରୁଜୁ କରାଯାଇଛି।

### ଆନ୍ଦୋଳନରୁ ଓହରିଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟ

**ଢେଙ୍କାନାଳ ଅଫିସ,୨୯।୧୦**

ଓକିଲଙ୍କୁ ପୋଲିସର ମାଡ଼ ପ୍ରତିବାଦରେ ଆନ୍ଦୋଳନରେ ସାମିଲ ହୋଇଥିବା ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସମର୍ଥନ ପ୍ରତ୍ୟାହାର କରିଛି। ଏ ନେଇ ସୋମବାର ପୂର୍ବାହ୍ନ ୧୧ଟାରେ ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆନ୍ଦୋଳନକୁ ଅଯଥା ରାଜନୀତିକରଣ କରାଯାଉଛି। କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରି ଘଟଣାକୁ ଅନ୍ୟଦିଗ ଦେବାକୁ ପ୍ରୟାସ କରୁଛନ୍ତି। ଏହାକୁ ସାମ୍ମୁଖ୍ୟ ପକ୍ଷରୁ ନିନ୍ଦା କରାଯିବା ସହ ସମର୍ଥନ ପ୍ରତ୍ୟାହାର ନିଷ୍ପତ୍ତି ହୋଇଥିବା ଆବାହକ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ବୈଠକରେ ଓମ୍ ପ୍ରକାଶ ଶରଣ, ଦିଲୀପ ମଲ୍ଲିକ, ଉମେଶ ଚନ୍ଦ୍ର ପାଣିଗ୍ରାହୀ, ଆର୍ଯ୍ୟେନ୍ଦୁ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ସାମ୍ମୁଖ୍ୟର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

---

■ କମଳାଙ୍ଗ ହାତୀ ମୃତ୍ୟୁ ମାମଲା

# ଡିଏଫ୍‌ଓ, ସେସୁ ମଣ୍ଡଳ କାର୍ଯ୍ୟାଳୟରେ ଚଢ଼ାଉ

**ଢେଙ୍କାନାଳ ଅଫିସ, ୨୯।୧୦**


ଜିଲା ବନଖଣ୍ଡ କାର୍ଯ୍ୟାଳୟରେ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ତଦନ୍ତ କରୁଛନ୍ତି।

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଲାଙ୍ଗ ହାତୀମୃତ୍ୟୁ ଘଟଣାରେ ତଦନ୍ତକୁ ଜୋରଦାର କରିଛି କ୍ରାଇମବ୍ରାଞ୍ଚ। ସୋମବାର ପୂର୍ବାହ୍ନରେ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ), ସଦର ରେଞ୍ଜର ଏବଂ ସେସୁ ମଣ୍ଡଳ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲେ।

ଡିଏଫ୍‌ଓଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କୁ କ୍ରାଇମବ୍ରାଞ୍ଚ ପକ୍ଷରୁ ପଚରାଉଚୁରା କରାଯାଇଛି। ଏଥିସହ କୁଞ୍ଜକାନ୍ତସ୍ଥିତ ସଦର ରେଞ୍ଜ୍ କାର୍ଯ୍ୟାଳୟ, କଲେଜ ବାଇପାସ୍‌ସ୍ଥିତ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବହୁ ଗୁରୁତ୍ୱପୂର୍ଣ୍ଣ ଫାଇଲ, ଚିଠି ଯାଞ୍ଚ କରାଯାଇଛି। କ୍ରାଇମବ୍ରାଞ୍ଚ ଏସ୍‌ପି ସନ୍ଦୀପ ମାଡକର ସମ୍ପଦ, ଡିଏସ୍‌ପି ଦେବୀଦତ୍ତ ବିଶ୍ୱଜୀବନ ମିଶ୍ର, ବିଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଅଧିକାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ। ସେହିପରି କ୍ରାଇମବ୍ରାଞ୍ଚ ଟିମ୍ ମେରାମଣ୍ଡଳୀସ୍ଥିତ ବନବିଭାଗ ସେକ୍ସନ କାର୍ଯ୍ୟାଳୟ, ଘଟଣାସ୍ଥଳ, ରାହି ଇନ୍‌ଫ୍ରାଷ୍ଟ୍ରକ୍ଟର ଠିକାସଂସ୍ଥା କାର୍ଯ୍ୟାଳୟରେ ମଧ୍ୟ ତନାଘନା କରିଛନ୍ତି। ତେବେ ତଦନ୍ତ ଜାରି ଥିବାରୁ ଏ ସମ୍ପର୍କରେ ଅଧିକାରୀମାନେ କୌଣସି ମତାମତ ଦେଇନାହାନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ଗତ ଶନିବାର ଭୋର୍‌ରେ ଭୂମିଠାରୁ ମାତ୍ର ୫ ଫୁଟ ଉଚ୍ଚତାରେ ଓହଳି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି କମଲାଙ୍ଗ ଉପଶାଖା କେନାଲ ନିକଟରେ ୭ହାତୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମହାନ୍ତିଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ଅଧୀକ୍ଷଣ ଯନ୍ତ୍ରୀ ନରେଶ ପଟ୍ଟନାୟକ, ସହକାରୀଯନ୍ତ୍ରୀ ଆର୍ତ୍ତତ୍ରାଣ ନାୟକ, ସେସୁର ଲାଇନ ମ୍ୟାନ୍ ଫିରୋଜ ପଣ୍ଡା ନିଲମ୍ବିତ ହୋଇଛନ୍ତି। ସେହିପରି ପିସିସିଏଫ୍ ସନ୍ଦୀପ ତ୍ରିପାଠୀଙ୍କ ନିର୍ଦ୍ଦେଶରେ ସଦର ରେଞ୍ଜର ପ୍ରସନ୍ନ କୁମାର ବିଶ୍ୱାଳ, ମେରାମଣ୍ଡଳୀ ସେକ୍ସନ ଫରେଷ୍ଟର ପ୍ରଭାକର ରଣା ଏବଂ ମେରାମଣ୍ଡଳୀ ବିଟ୍ ଫରେଷ୍ଟ ଗାର୍ଡ ଗିରିଶ ଚନ୍ଦ୍ର ଦେହୁରୀଙ୍କୁ ନିଲମ୍ବିତ କରାଯାଇଛି। ଏପରି ସ୍ପର୍ଶକାତର ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ରାଜ୍ୟ ସରକାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି।

---



## ୩ ପଞ୍ଚାୟତରେ ବିଜେଡିର ପଦଯାତ୍ରା

**ପରଜଙ୍ଗ, ୨୯।୧୦(ଡି.ଏନ.ଏ.)**

ପରଜଙ୍ଗ ବ୍ଲକର ୩ପଞ୍ଚାୟତରେ ସୋମବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁ ଏଥିରେ ଯୋଗଦେଇ ବିଭିନ୍ନ ଗ୍ରାମ ବୁଲିବା ସହ ଜନସାଧାରଣଙ୍କ ସମସ୍ୟା ପଚାରି ବୁଝିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରେ ସାମିଲ ହୋଇ ବିକାଶକୁ ଆଗକୁ ନେବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ କେନ୍ଦ୍ର ସରକାରଙ୍କ ନୀତିକୁ ତୀବ୍ର ସମାଲୋଚନା କରିଥିଲେ।

କନ୍ଥୁରୁ, କଙ୍କଡାସୋଡ଼ା, ଆମ୍ବପଳାସ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଦଯାତ୍ରା ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ କୁମାର ଦାସ, ସରପଞ୍ଚ ଚୁମୁକି ବେହେରା, ପବିତ୍ର ମୋହନ ସାହୁ, ଉର୍ମିଳା ମହାପାତ୍ର, ପ୍ରିୟଜିତ୍ ସାମଲ, ପ୍ରଦୀପ ବେହେରା, ସମିତିସଭ୍ୟ ନଗେନ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଭୁବନାନନ୍ଦ ସାହୁ, ପୂର୍ବତନ ସରପଞ୍ଚ ଶଶିଭୂଷଣ ସାହୁ, ଅମରେନ୍ଦ୍ର ଦାସ, ଦ୍ୱିତିକୃଷ୍ଣ ମହାପାତ୍ର, କୁନାଲ ମହାପାତ୍ର, ନାରିନେତ୍ରୀ ଅଳକା ମହାପାତ୍ର, ଯଜ୍ଞେଶ୍ୱର ବର୍ମା, ତୁଷାରକାନ୍ତ ସାହୁ, ନିର୍ମାଣ ଶ୍ରମିକ ସଭାପତି ଦିଲୀପ ବର୍ମା, ଅବିନାଶ ସାହୁଙ୍କ ସମେତ ଶତାଧିକ ବିଜେଡି କର୍ମୀ ସାମିଲ ହୋଇଥିଲେ।

---

■ ବ୍ଲକ କାର୍ଯ୍ୟାଳୟ ଆଗରେ ଭାଜପାର ଆନ୍ଦୋଳନ

## ‘ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବନି’


ଆନ୍ଦୋଳନରତ ଭାଜପା କର୍ମକର୍ତ୍ତାମାନେ।

**କାମାକ୍ଷାନଗର, ୨୯।୧୦(ଡି.ଏନ.ଏ.)**

ରାଜ୍ୟରେ ବଢ଼ିଚାଲିଥିବା ଦୁର୍ନୀତି, ପିସି କାରବାର, ଭ୍ରଷ୍ଟାଚାର ଏବଂ ପ୍ରିୟାପ୍ରୀତିତୋଷଣ ନୀତି ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଛି ଭାଜପା। ଏହାର ପ୍ରତିବାଦରେ ସୋମବାର ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ନେତୃତ୍ୱରେ କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରାଯାଇଥିଲା। ଏହି ଅବସରରେ ଶତାଧିକ ଭାଜପା କର୍ମୀଙ୍କୁ ନେଇ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ।

ସମ୍ପାଦକ ପ୍ରେମାନନ୍ଦ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଦଳୀୟ କର୍ମକର୍ତ୍ତାମାନେ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ। କେନ୍ଦ୍ରୀୟ ଯୋଜନାକୁ ହଡ଼ପ କରି ରାଜ୍ୟ ସରକାର ସାଧାରଣ ଜନତାଙ୍କୁ ଭୂଆଁ ବୁଲାଉଛନ୍ତି। ଦିନକୁ ଦିନ ଦୁର୍ନୀତି ବଢ଼ିଚାଲିଛି। ସାଧାରଣ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। କୌଣସି ପରିସ୍ଥିତିରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବନି ବୋଲି ଦଳ ପକ୍ଷରୁ କୁହାଯାଇଛି।

ଜିଲା ପର୍ଯ୍ୟବେକ୍ଷକ ବିନୋଦ ଦାସ, ବରିଷ୍ଠ ନେତା ଶତ୍ରୁଘ୍ନ ଜେନା, ଦେବଦତ୍ତ ପଟ୍ଟନାୟକ, ପର୍ଯ୍ୟବେକ୍ଷକ ସୁନୀଲ ଶର୍ମା, ପବିତ୍ର ବିଶ୍ୱାଳ, ସନ୍ଦୀପ ପଟ୍ଟନାୟକ, ମାତୃପ୍ରସାଦ ନନ୍ଦ, ଉପେନ୍ଦ୍ର ମହାକୁଡ଼, ଛବିନାରାୟଣ ମହାକୁଡ଼, ସଞ୍ଜୀବ ମିଶ୍ର, ରତ୍ନପ୍ରଭା ପଣ୍ଡା, ଦେବାଶିଷ ହୋତା, ମୀନକେତନ ନାୟକ, ରଞ୍ଜନ ସାମଲ, ଦୀପକ ପାତ୍ର, ସିଦ୍ଧେଶ୍ୱର ପଣ୍ଡା, ଚନ୍ଦନ ବେହେରାଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

---

### ବାଇକ୍ ଧକ୍କାରେ ଜଣେ ମୃତ

**ଆନନ୍ଦପୁର, ୨୯।୧୦(ସ୍ୱ.ପ୍ର.)**

ରାମଚନ୍ଦ୍ରପୁର ଥାନା ଅଳତି ଛକଠାରେ ବାଇକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇ କଟକ ସ୍ଥାନାନ୍ତର ହୋଇଛନ୍ତି। ଆନନ୍ଦପୁର ଥାନା ଜଘାର ଗ୍ରାମର ଜଗନ୍ନାଥ କିଷାନ ଅଳତି ଅଞ୍ଚଳରେ ଥିବା ଏକ ବିଦ୍ୟାଳୟରେ ନିଜ ପିଲାକୁ ଛାଡ଼ି ଘରକୁ ଫେରୁଥିଲେ। ସେହି ସମୟରେ ଅଳତି ଛକ ନିକଟରେ ତାଙ୍କ ବାଇକ୍ ଜଣେ ବୟସ୍କ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ସେହି ଗ୍ରାମର ଲକ୍ଷ୍ମୀଧର ମହାରଣା(୫୦)ଙ୍କ ମୃତ୍ୟୁ ହୋଇଛି। ବାଇକ୍ ଆରୋହୀ ଜଗନ୍ନାଥଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ରାମଚନ୍ଦ୍ରପୁର ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

### ହାତୀଙ୍କୁ ହଇରାଣ କରି ୩ ଗିରଫ

**ଚମ୍ପୁଆ, ୨୯।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଞ୍ଚଳରେ ହାତୀଙ୍କ ସହ ଭିଡିଓ ଉଠାଇବା ଘଟଣାକୁ ନେଇ ୩ ଯୁବକ ସୋମବାର ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ସେମାନେ ହେଲେ ରଜିଆ ଗ୍ରାମର ଦେବାଶିଷ ବେହେରା, ମଲାଣଗୁଡାର ମହମ୍ମଦ ଇସମାଇଲ ଓ ଅବଦୁଲ ହଲିମ। ସେମାନେ କିଛି ଦିନ ତଳେ ରଜିଆ ପାଖ ଜଙ୍ଗଲରେ ରହୁ ଥିବା ଏକ ହାତୀପଲକୁ ହଇରାଣ ହରକତ କରିଥିଲେ। ହାତୀମାନଙ୍କ ଲାଞ୍ଜ ଟଣାଟଣି କରିବା ସହ ବାଡିରେ ପିଟାପିଟି କରୁଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ପ୍ରଚାର ହେବା ପରେ ବନ ବିଭାଗ ଏଭଳି ପଦକ୍ଷେପ ନେଇଛି। ଏ ନେଇ ଡିଏଫଓ ସନ୍ତୋଷ ଯୋଶୀ କହିଛନ୍ତି ଯେ, ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ରେ ସେମାନଙ୍କୁ ଗିରଫ କରାଯାଇଛି।

---

■ ବନ କର୍ମଚାରୀଙ୍କ ନିଲମ୍ବନକୁ ବିରୋଧ

## ଆଦେଶ ପ୍ରତ୍ୟାହାର ନ କଲେ ଆନ୍ଦୋଳନ ଚେତାବନୀ


ନିଲମ୍ବନ ପ୍ରତ୍ୟାହାର ଦାବିରେ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ଅଣଗେଜେଟ୍‌େଡ ବନସେବା ସଂଘର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ,୨୯।୧୦**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଲାଙ୍ଗ ହାତୀ ମୃତ୍ୟୁ ଘଟଣାରେ ବନ ଫରେଷ୍ଟର ଓ ଗାର୍ଡଙ୍କୁ ନିଲମ୍ବିତ କରାଯାଇଛି। ଏହାକୁ ପ୍ରତ୍ୟାହାର କରିବା ପାଇଁ ଅଣ୍ଟା ଭିଡ଼ିଛି ରାଜ୍ୟ ଅଣଗେଜେଟ୍‌େଡ ବନସେବା ସଂଘ। ତୁରନ୍ତ ଉଭୟଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କରା ନ ଗଲେ ସଂଘ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ଅପରାହ୍ନରେ ଜିଲା ବନଖଣ୍ଡ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି।

ରାଜ୍ୟ ଅଣଗେଜେଟେଡ୍ ବନସେବା ସଂଘ ସଭାପତି ଗୌରୀଶଙ୍କର ସାହୁ କହିଛନ୍ତି, ଏହି ଘଟଣାରେ ପରିବେଶ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସଚିବ ଓ ପିସିସିଏଫ୍ ଯାଏ ସମସ୍ତେ ସେସୁକୁ ଦାୟୀ କରିଛନ୍ତି। ହେଲେ ଭୁଲ ନ ଥାଇ ବଳି ପଡ଼ିଛନ୍ତି ଫରେଷ୍ଟର ଓ ଗାର୍ଡ। ବାହାର ଜିଲାରୁ ରାତିରେ ହାତୀଙ୍କ ପ୍ରବେଶ ସମ୍ପର୍କରେ ସେଠାକାର ଅଧିକାରୀମାନେ ଢେଙ୍କାନାଳ ଜିଲା ବନଖଣ୍ଡ ଅଧିକାରୀଙ୍କୁ କୌଣସି ଖବର ଦେଇ ନ ଥିଲେ। ସମ୍ପୃକ୍ତ ଦୁଇ କର୍ମଚାରୀ ରାତିରେ ଅନ୍ୟ ଏକ ହାତୀ ଉପଦ୍ରୁତ ଅଞ୍ଚଳରେ ହାତୀ ଘଉଡ଼ାଇବା ପାଇଁ ନିୟୋଜିତ ଥିଲେ। ଅପରପକ୍ଷେ ପ୍ରତି ମାସରେ ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ତାର ସମ୍ପର୍କରେ ଉକ୍ତ ଦୁଇ କର୍ମଚାରୀ ଜିଲା ବନଖଣ୍ଡ କାର୍ଯ୍ୟାଳୟକୁ ସୂଚନା ଦେଉଥିଲେ। କିନ୍ତୁ ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ ଏହାକୁ ଗୁରୁତ୍ୱ ଦିଆଯାଉ ନ ଥିଲା। ଫଳରେ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି ସଭାପତି କହିଛନ୍ତି। ତୁରନ୍ତ ଉକ୍ତ ଦୁଇ କର୍ମଚାରୀଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବା ପାଇଁ ରାଜ୍ୟ ସଂଘ ସଭାପତିଙ୍କ ସମେତ ସାଧାରଣ ସମ୍ପାଦକ ସମୀର କୁମାର ବେହେରା, ଉପସଭାପତି ଭବାନୀ ଶଙ୍କର ପରିଚ୍ଛା, ଜିଲା ସଂଘ ସଭାପତି ରଶ୍ମିରଞ୍ଜନ ଦାସ, ଉପସଭାପତି ପ୍ରହ୍ଲାଦ ପ୍ରଧାନ, ସମ୍ପାଦକ ମହେଶ୍ୱର ପାତ୍ର, କୋଷାଧ୍ୟକ୍ଷ ହିମାଂଶୁ ପୃଷ୍ଟି, ଯୁଗ୍ମ ସମ୍ପାଦକ କୃଷ୍ଣପ୍ରିୟା ସାହୁ ପ୍ରମୁଖ ଦାବି କରିଛନ୍ତି।

---

## ଫଟୋରେ ଖବର


ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ସ୍କାଉଟ୍ସ, ଗାଇଡ୍ସ ପକ୍ଷରୁ ସୋମବାର କପିଳାସ ପୀଠ ପରିସରରେ ସଫେଇ କରାଯାଇଥିଲା। ଅଧ୍ୟାପକ ପ୍ରଭାତ କୁମାର ଜେନାଙ୍କ ନେତୃତ୍ୱରେ ୩୦ ଜଣ ସ୍ୱେଚ୍ଛାସେବୀ ଏଥିରେ ସାମିଲ ହୋଇ ମନ୍ଦିର ପରିସରରେ ଜମିଥିବା ଆବର୍ଜନା ସଫା କରିଥିଲେ।



ଓଡ଼ାପଡ଼ା ବ୍ଲକ କମଲାଙ୍ଗ ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୭ହାତୀଙ୍କ ମୃତ୍ୟୁ ଘଟଣାରେ ବିଭାଗୀୟ ଅବହେଳାକୁ ଦାୟୀ କରିଛି ମିଳିତ ବଜାର ପୂଜା କମିଟି। ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରି ସୋମବାର କମିଟି ପକ୍ଷରୁ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସଭାପତି ରାମଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ବିଭିନ୍ନ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ।

---

ଧରିତ୍ରୀର ଢେଙ୍କାନାଳ – ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ୪୭ ଅଭିଯୋଗର ଫଇସଲା




**ଭୁବନ, ୨୯।୧୦(ଡି.ଏନ.ଏ.)** ଢେଙ୍କାନାଳ ଜିଲା ଭୁବନ ବ୍ଲକ କାର୍ଯ୍ୟାଳୟରେ ସୋମବାର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୮୩ ଅଭିଯୋଗ ଦାଖଲ କରାଯାଇଥିଲା। ସେଥିମଧ୍ୟରୁ ୪୭ଟିର ଫଇସଲା କରାଯାଇଛି। ରେଡ୍‌କ୍ରସ୍ ପାଣ୍ଠିରୁ ଜଣକୁ ୧୦୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ରାଜ୍ୟପାଳଙ୍କ ଗସ୍ତ କାର୍ଯ୍ୟକ୍ରମ ଯୋଗୁ ଜିଲାପାଳ ଏବଂ ଏସ୍‌ପି ଅନୁପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଅତିରିକ୍ତ ଏସ୍‌ପି ହରେକୃଷ୍ଣ ପ୍ରଧାନ, ବିଡିଓ ବସନ୍ତ ମାଝି, ତହସିଲଦାର ଶକ୍ତିକାନ୍ତ ରାୟ, ନିର୍ବାହୀ ଅଧିକାରୀ ପ୍ରମୋଦ ବରାଳ, ଥାନାଧିକାରୀ ପ୍ରମୋଦ ଲେଙ୍କାଙ୍କ ଉପସ୍ଥିତିରେ ଅଭିଯୋଗଗୁଡ଼ିକର ଶୁଣାଣି ହୋଇଥିଲା। ଗୋଷ୍ଠୀଗତ ଏବଂ ବ୍ୟକ୍ତିଗତ ସମସ୍ୟାର ତ୍ୱରିତ ସମାଧାନ କରିବାକୁ ଉପଜିଲାପାଳ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ବିଦାୟ ନେଲେ ଧନଦାତ୍ରୀ

**ପରଜଙ୍ଗ, ୨୯।୧୦(ଡି.ଏନ୍.ଏ.)** ପରଜଙ୍ଗ ବ୍ଲକ ବାରିହାପୁର ଗ୍ରାମରେ କୁମାରପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ଲକ୍ଷ୍ମୀପୂଜା ଶେଷ ହୋଇଛି। ମିଳିତ ଭସାଣି ଶୋଭାଯାତ୍ରାରେ ନବଜ୍ୟୋତି କ୍ଲବ, ନିୟୁ ଗୌରୀ କ୍ଲବ, ବଉଳ ସାହି, ମଝି ସାହି, ମହାଜନ ସାହି, ଦଳେଇ ସାହି, ପ୍ରେମରତ୍ନ କ୍ଲବ, ସ୍ମାର୍ଟସିଟି କ୍ଲବ, ତାରିଣୀ ଛକ ପୂଜା କମିଟି ସାମିଲ ହୋଇଥିଲେ। ସ୍ଥାନୀୟ ସ୍କୁଲ ମେଲଣ ପଡ଼ିଆରେ ଏକାଠି ହେବାପରେ ସେଠାରୁ ମେଢ଼ଗୁଡ଼ିକୁ ବିସର୍ଜନ କରିବାକୁ ନିଆଯାଇଥିଲା। ଡିଜେ ସାଉଣ୍ଡ, ବାଜାବାଣରେ ଗାଁ ଦାଣ୍ଡ ଦୁଲୁକି ଉଠିଥିଲା। ଭସାଣି ଶୋଭାଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ପୋଲିସ ନିୟୋଜିତ ହୋଇଥିଲେ।

## ଢେଙ୍କାନାଳରେ ରାଜ୍ୟପାଳ

# 'ସୂର୍ଯ୍ୟଙ୍କ ଭଳି ଚମକିବା ପାଇଁ ତେଜସ୍ୱୀ ହୁଅ'

**ଢେଙ୍କାନାଳ ଅଫିସ, ୨୯।୧୦**

'ସୂର୍ଯ୍ୟଙ୍କ ଭଳି ଚମକିବା ପାଇଁ ତେଜସ୍ୱୀ ହୁଅ। କାହାକୁ ନିରାଶ କିମ୍ବା ଉପହାସ କରନାହିଁ। ନିଜ ଭିତରେ ଅସହିଷ୍ଣୁତା, ଅହଙ୍କାରକୁ ସ୍ଥାନ ଦିଅନାହିଁ। ବିନମ୍ରତା ହିଁ ମଣିଷକୁ ବଡ଼ କରିଥାଏ। ବିଶ୍ୱରେ ବିଭିନ୍ନ କ୍ଷେତ୍ରରେ ଯେଉଁମାନେ ଉଚ୍ଚ ସ୍ଥାନକୁ ଯାଇଛନ୍ତି, ସେମାନେ ନିଜର ବିନମ୍ରତା ଯୋଗୁ ସମସ୍ତଙ୍କ ପାଖରେ ପ୍ରିୟ ହୋଇପାରିଛନ୍ତି। ଭବିଷ୍ୟତ କିଛି ନୁହେଁ । ଆସନ୍ତା କାଲିକୁ କିଏ ଦେଖିଛି। କିଏ ରହିବ ନ ରହିବ ଜଣାନାହିଁ। ଆଗାମୀ ନିଃଶ୍ୱାସ ପ୍ରଶ୍ୱାସ କ'ଣ ହେବ କେହି କହିପାରିବେ ନାହିଁ । ତେଣୁ ବର୍ତ୍ତମାନ ହିଁ ସବୁକିଛି । ନିଜକୁ ଭବିଷ୍ୟତର ପିଢ଼ି ବୋଲି କହିବା ବଦଳରେ ବର୍ତ୍ତମାନର ପିଢ଼ି ବୋଲି କୁହ। ଢେଙ୍କାନାଳ ଭଳି ପ୍ରକୃତିର ବରଦାନ ସ୍ୱରୂପ ଅଞ୍ଚଳ ଈଶ୍ୱର ତୁମମାନଙ୍କୁ ଦେଇଛନ୍ତି। ପ୍ରକୃତିକୁ ଭଲପାଅ। ନିଜ ସହିତ ଯୋଡ଼ । ପ୍ରତିଦିନ ପ୍ରକୃତି ସହିତ କିଛି ସମୟ ବିତାଅ। ତା'ହେଲେ ଜ୍ଞାନ ବଢ଼ିବ ବୋଲି କହିଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ୍। ଢେଙ୍କାନାଳର ଶତାୟୁ ଶିକ୍ଷାନୁଷ୍ଠାନ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ୩୨ନଂ. ଶ୍ରେଣୀଗୃହରେ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ ଅବସରରେ ଏପରି ସାରଗର୍ଭକ ଅଭିଭାଷଣ ରଖିଛନ୍ତି ରାଜ୍ୟପାଳ।

ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇ ସେ କହିଲେ, ତୁମେମାନେ ଈଶ୍ୱରଙ୍କଠାରୁ କୌଣସି ଗୁଣରେ କମ୍ ନୁହଁ। କର୍ମ ହିଁ ପୂଜା। ନିଜ ମନରେ ବିଶ୍ୱାସ ସୃଷ୍ଟି ହେଲେ ଯେ କୌଣସି କାର୍ଯ୍ୟକୁ ସଫଳତାର ସହ କରିହୁଏ ବୋଲି ସେ ମତ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ରାଜ୍ୟପାଳ ହୋଇ କିଭଳି ଅନୁଭବ କରୁଛନ୍ତି ବୋଲି ପଚାରିଥିଲେ। ଏହାର ଉତ୍ତରରେ ସେ କହିଲେ, ରାଜ୍ୟପାଳ ଓ ଜିଲାପାଳ ପଦବୀ କିଛି ନୁହେଁ, ଭଲ କାମ ଏବଂ ଅନ୍ୟର ସେବା କରିବା ହିଁ ସବୁକିଛି। ଏହି ଅବସରରେ ତାଙ୍କୁ ସ୍କୁଲ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।



ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କ ସହ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ୍ ଆଲୋଚନା କରୁଛନ୍ତି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ପୂର୍ବାହ୍ନ ୧୧ଟା ୨୦ରେ ରାଜ୍ୟପାଳ ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯିବା ସହ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ରାଜ୍ୟପାଳଙ୍କ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ, ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ, ପ୍ରଧାନଶିକ୍ଷକ ବିଜୟରଶ୍ମି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ରାଜ୍ୟପାଳ ଯୋଗଦେଇ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। କୃଷି, ଜଙ୍ଗଲ ଓ ପରିବେଶ ବିଭାଗ ସମେତ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ସୂଚନା ଦେଇ ଜିଲାପାଳ କହିଲେ, କପିଳାସ ଅଭୟାରଣ୍ୟ ସମେତ ଜିଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ୧୮୭ ହାତୀ ଅଛନ୍ତି। ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ୍‌ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଜାରିରହିଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୯,୨୭,୨୭୭ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨୦,୪୯୧ ହିତାଧିକାରୀଙ୍କୁ ସାମିଲ କରାଯାଇଛି । ଧାନକ୍ରୟ ପାଇଁ ୮୦ ପ୍ୟାକ୍ସ ଜରିଆରେ ୪୧,୨୧୩ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଅନୁଗୋଳ-ତୁବୁରୀ-ସୁକିନ୍ଦା ନୂତନ ରେଳ ଲିଙ୍କ୍ ପ୍ରକଳ୍ପ, ବୁଢ଼ାପଙ୍କ-ସାଲେଗାଁ ୩ୟ ଓ ୪ର୍ଥ ରେଳଲାଇନ ପ୍ରକଳ୍ପ, ୫୫ନଂ. ଓ ୨୦୦ନଂ. ଜାତୀୟ ରାଜପଥକୁ ୪ଲେନ୍ ବିଶିଷ୍ଟ କରାଯିବାକୁ କାର୍ଯ୍ୟ ଜାରି ରହିଥିବା ଜିଲାପାଳ ସୂଚନା ଦେଇଥିଲେ। ସହରାଞ୍ଚଳକୁ ୧୦୦% ପାନୀୟଜଳ ଯୋଗାଇ ଦିଆଯାଉଛି। କଳ୍ପନା କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁ ମୃତ୍ୟୁହାରକୁ ଯଥେଷ୍ଟ ହ୍ରାସ କରାଯାଇପାରିଛି। ୫୦କୋଟି ଟଙ୍କାର ଫସଲବୀମା କାର୍ଯ୍ୟ ଜାରି ରହିଛି। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମର ୧୮୨ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଗତ ୬ମାସରେ ଜିଲାରେ ୪୬,୦୮୩ ପାଇଖାନା ନିର୍ମାଣ କରାଯାଇଥିବା ସମୀକ୍ଷାରୁ ଜଣାପଡ଼ିଛି।

ଅପରାହ୍ନ ୩ଟାରେ ରାଜ୍ୟପାଳ ସୁନ୍ଦରିଖାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନବନିର୍ମିତ କୋଠାକୁ ଉଦ୍‌ଘାଟନ କରିଥିଲେ। ୪ଟାରେ ସେ ମହିମାଗାଦି ଗସ୍ତକରି ସାଧୁସନ୍ନ୍ୟାସୀଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ସେଠାକାର ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟଙ୍କ ସହିତ ଭାବ ବିନିମୟ କରିବା ସହିତ ଯୋରନ୍ଦା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଢେଙ୍କାନାଳ ଫେରି ଗଣେଶ ବଜାର ପୂଜା ମଣ୍ଡପରେ ମା' ଲକ୍ଷ୍ମୀଙ୍କୁ ପୂଜା କରିଥିଲେ । ପରେ ସର୍କିଟ ହାଉସ ଫେରି ସେଠାରୁ ଅନୁଗୋଳ ଗସ୍ତରେ ଯାଇଥିଲେ। ରାଜ୍ୟପାଳଙ୍କ ଗସ୍ତ ସମୟରେ ଏସ୍‌ପି ସନ୍ତୋଷ କୁମାର ନାୟକ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଉପଜିଲାପାଳ ପୀତାମ୍ବର ସାମଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ସେଲ୍ଫି କର୍ଣ୍ଣର



@ ଗଣେଶ



@ ରାକେଶ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ**
dklselfie@gmail.com
(ବଛା ବଛା ସେଲ୍ଫି ପ୍ରକାଶ ପାଇବ)

# ମନ ମୋହିଲା ଦହିପଖାଳ

**ଢେଙ୍କାନାଳ ଅଫିସ, ୨୯।୧୦**

ପ୍ରସିଦ୍ଧ ଲକ୍ଷ୍ମୀପୂଜା ଅବସରରେ ସୋମବାର ଅପରାହ୍ନରେ ଲକ୍ଷ୍ମୀବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ଦହିପଖାଳ ପ୍ରସାଦରେ ଶ୍ରଦ୍ଧାଳୁଙ୍କୁ ଆପ୍ୟାୟିତ କରାଯାଇଥିଲା। ପଦ୍ମପତ୍ର ସହିତ କୁଣ୍ଡୁଆରେ ଦହିପଖାଳ ସାଙ୍ଗକୁ ତରକାରି, ପକୁଡ଼ି, ଶାଗ ପରଷା ଯାଇଥିଲା। ୩୦୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ଏ ସଂକ୍ରାନ୍ତରେ ପୂଜା କମିଟିର ସମ୍ପାଦକ ରବି ନାରାୟଣ ବେହେରା କୁହନ୍ତି, ୧୫ବର୍ଷ ହେଲା ପୂଜା କମିଟି ପକ୍ଷରୁ ଦହିପଖାଳ ପ୍ରସାଦ ବ୍ୟବସ୍ଥା କରାଯାଉଛି। ଏହା ଲକ୍ଷ୍ମୀପୂଜାର ଅନନ୍ୟ ପରମ୍ପରା। ଆଗାମୀ ଦିନରେ ଏହାକୁ ଅଧିକ ବ୍ୟାପକ କରିବାକୁ ପ୍ରସ୍ତାବ ରହିଥିବା ସେ କହିଥିଲେ। ଅନ୍ୟପଟେ ଅନୁକୂଳ ପାଗ ଏଥର ପୂଜାକୁ ଅଧିକ ଆକର୍ଷଣୀୟ କରିଛି। ମା'ଙ୍କ ଦର୍ଶନ ପାଇଁ ପ୍ରବଳ ଜନସମାଗମ ହେଉଛି। ଦର୍ଶନ ଶୃଙ୍ଖଳିତ କରିବାକୁ ପୂଜା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।



ଢେଙ୍କାନାଳ ବସ୍‌ଷ୍ଟାଣ୍ଡ।



କଲେଜ ଛକ।



କୁଞ୍ଜକାନ୍ତ।



ଇନ୍ଦିପୁର ଚନ୍ଦନମଣ୍ଡପ ସାହି।



ଇନ୍ଦିପୁର କଲେଜ ଛକ।



ତେରଘରିଆ।



ସୁବର୍ଣ୍ଣ ସାହି।



ତନ୍ତୀ ସାହି।



ବଉଳ ଛକ।

# ଲକ୍ଷ୍ମୀପୂଜା ବାଣ୍ଟୁଛି ବିଶ୍ୱଭ୍ରାତୃତ୍ୱର ବାର୍ତ୍ତା



ଲକ୍ଷ୍ମୀପୂଜା ଦେଖିବାକୁ ପ୍ରବଳ ଜନସମାଗମ।

**ଢେଙ୍କାନାଳ ଅଫିସ,୨୯।୧୦**

ପରମ୍ପରା ଓ ଭାଇଚାରର ଅପୂର୍ବ ସମନ୍ୱୟ ଢେଙ୍କାନାଳ ଲକ୍ଷ୍ମୀପୂଜା। ପୂଜା ଆସିଲେ ଏକାକାର ହୋଇଯାଏ ସମଗ୍ର ସହର। ଅତିଥି, ବନ୍ଧୁବାନ୍ଧବଙ୍କ ଭିଡ଼ରେ ପୂରିଉଠେ ଘର। ଭେଦଭାବକୁ ବହୁ ପଛରେ ଛାଡ଼ି ସବୁ ସମ୍ପ୍ରଦାୟର ଲୋକେ ସାମିଲ ହୋଇଥାନ୍ତି ଏହି ଗଣପର୍ବରେ। ଉତ୍ସବର ମାହୋଲରେ ପଛରେ ରହିଯାଏ ସାମ୍ପ୍ରଦାୟିକ ଭେଦଭାବ। ସମସ୍ତଙ୍କ ମୁହଁରେ ଗୋଟିଏ କଥା ଶୁଣିବାକୁ ମିଳେ, 'ଏଠି ଜାତି ବଡ଼ ନୁହେଁ, ବଡ଼ ହେଉଛି ଭାଇଚାରା ଓ ପରମ୍ପରା'। କେବଳ ଏତିକି ନୁହେଁ, ଅଣହିନ୍ଦୁ ସମ୍ପ୍ରଦାୟର ଲୋକେ ମଧ୍ୟ ପୂଜାର ନେତୃତ୍ୱ ନେଇଥାନ୍ତି। ଏଭଳି ନିଆରା ବିଶେଷତ୍ୱ ହିଁ ଲକ୍ଷ୍ମୀପୂଜାକୁ ମହନୀୟ କରିଛି।

### ବିରଳ ପରମ୍ପରା



"୧୯୭୫ରୁ ଲକ୍ଷ୍ମୀପୂଜା ସହ ଜଡ଼ିତ ରହିଛି। ଗଣେଶ ବଜାର ପୂଜା କମିଟିର ଗୁରୁତ୍ୱପୂର୍ଣ୍ଣ ପଦବୀ ସମ୍ଭାଳିଛି। ପୂଜାରେ କୌଣସି ଜାତିଭେଦ ନାହିଁ। ଭାଇଚାରାକୁ ନେଇ ମିଳିମିଶି ସମସ୍ତେ ପରମ୍ପରାକୁ ଆଗକୁ ନେଉଛୁ। ଲକ୍ଷ୍ମୀପୂଜାର ଏପରି ପରମ୍ପରା ବିରଳ। ନିକଟରେ ୩ଜଣ ବନ୍ଧୁ ଛତିଶଗଡ଼ ରାୟପୁରରୁ ପୂଜା ଦେଖିବାକୁ ଆସିଥିଲେ। ସେମାନେ ଏପରି ପୂଜାଉତ୍ସବ ଦେଖି ଅଭିଭୂତ ହୋଇପଡ଼ିଲେ। ଏହା ହିଁ ଆମ ପାଇଁ ଗର୍ବ ଓ ଗୌରବର ବିଷୟ।

**-ଶେଖ ହୁସେନ,**
**ଗଣେଶ ବଜାର ପୂଜା କମିଟି ଅଧ୍ୟକ୍ଷ**

### ଭାଇଚାରାର ପ୍ରତୀକ



"ଜେଜେଙ୍କ ଅମଳରୁ ପରିବାର ସଦସ୍ୟ କାଞ୍ଚନ ବଜାର ପୂଜା କମିଟିର କର୍ମକର୍ତ୍ତା ରହି ଆସିଛନ୍ତି। ସେମାନେ ପୂଜା ଉତ୍ସବର ପ୍ରମୁଖ ଦାୟିତ୍ୱ ତୁଲାଉଥିଲେ। ଏହାପରେ ୧୯୮୫ରୁ ମୁଁ ଲକ୍ଷ୍ମୀପୂଜା ସହିତ ସଂଶ୍ଳିଷ୍ଟ ଅଛି। ଲକ୍ଷ୍ମୀପୂଜା ଭାଇଚାରର ପ୍ରତୀକ। ବର୍ଷକୁ ଥରେ ହେଉଥିବା ପୂଜା ସହରବାସୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଛି। ଜାତିବାଦରୁ ଉପରକୁ ଉଠି ସମସ୍ତେ ଏଥିରେ ସାମିଲ ହୋଇଥାଉ।

**-ମହମ୍ମଦ ସାଗିର,**
**କାଞ୍ଚନ ବଜାର ପୂଜା କମିଟି ସମ୍ପାଦକ**

